ଷୋଡ଼ଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

ତେଜସ୍ୱିନୀ

Page - 08 Rs. 7.00

ବର୍ଷ-୧୬, ସଂଖ୍ୟା-୨୯, ଭୁବନେଶ୍ୱର: ଜୁଲାଇ ୨୮-୦୩, ୨୦୨୫ Vol-16, Issue-29, Bhubaneswar : July 28-03, 2025

RNI NO.ODIODI/2010/33715

# ଓଡ଼ିଶାର ପ୍ରଥମ ଟେକ୍ସଟାଇଲ୍ କନ୍‌କ୍ଲେଭ୍

## ୩୩ ଏମ୍‌ଓୟୁ, ୭,୮୦୮ କୋଟିର ପୁଞ୍ଜିନିବେଶ ପ୍ରସ୍ତାବ

**ଭୁବନେଶ୍ୱର:** ଓଡ଼ିଶାର ପ୍ରଥମ ଟେକ୍ସଟାଇଲ୍ କନ୍‌କ୍ଲେଭ୍‌ରେ ଦେଶର ନାମିଦାମୀ ୩୩ କମ୍ପାନୀ ସହ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଏଥିରେ ୭,୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିବା ବେଳେ ୫୩,୩୦୦ଟି ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଏହି ଅବସରରେ ଜଗତସିଂହପୁର ଏବଂ ଭଦ୍ରକଠାରେ ଦୁଇଟି ଟେକ୍ସଟାଇଲ୍ ପାର୍କ ଲୋକାର୍ପିତ ହୋଇଛି। ତେବେ ଆଗାମୀ ଦଶନ୍ଧି ଭିତରେ ୫ଲକ୍ଷରୁ ଅଧିକ ରୋଜଗାର ସୃଷ୍ଟିହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ହୋଇଥିଲା ପ୍ରଥମ ଟେକ୍ସଟାଇଲ୍ କନ୍‌କ୍ଲେଭ। ଓ-ଟେକ୍ସ ୨୦୨୫ ହେଉଛି ରାଜ୍ୟର ପ୍ରଥମ ଟେକ୍ସଟାଇଲ୍ ଓ ଆପାରେଲ୍ କନ୍‌କ୍ଲେଭ୍। ଏହି କନ୍‌କ୍ଲେଭ୍‌ରେ ୧୬୦ରୁ ଅଧିକ ବୃହତ ଓ ନୂତନ ଉଦ୍ୟୋଗୀ ଯୋଗଦେଇଥିଲେ। ବିଶ୍ୱର ନାମୀଦାମୀ ବ୍ରାଣ୍ଡ୍ ପେଜ୍ ଇଣ୍ଡଷ୍ଟ୍ରିଜ୍, ଫାଷ୍ଟଷ୍ଟେପ୍ ବେବୀ ୱେର୍,




କେପିଆର୍ ମିଲ୍, ସ୍ୱେଟ୍ କିଙ୍ଗ, ଆଦର୍ଶ ନିଟ୍‌ୱେର, ଅନୁଭବ ଆପାରେଲ୍, ବନ୍ ଆଣ୍ଡ୍ କୋ, ଏବଂ ବିଏଲ୍ ପ୍ରମୁଖ ଏହି କନ୍‌କ୍ଲେଭ୍‌ରେ ଅଂଶଗ୍ରହଣ କରିଥିଲେ ଏବଂ ଦେଶର ବୟନ ଓ ପୋଷାକ ଶିଳ୍ପକ୍ଷେତ୍ରର ପ୍ରାୟ ସମସ୍ତ ଶିଳ୍ପପତି ଉପସ୍ଥିତ ଥିଲେ। ଏହା ପୂର୍ବ ଭାରତର ସର୍ବବୃହତ୍ ଟେକ୍ସଟାଇଲ୍ କନ୍‌କ୍ଲେଭ୍ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ସରକାରୀ କର୍ମଚାରୀମାନଙ୍କୁ ସପ୍ତାହକୁ ଯେକୌଣସି ଗୋଟିଏ ଦିନ ହସ୍ତତନ୍ତ ପ୍ରସ୍ତୁତ ପୋଷାକ ପରିଧାନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କନ୍‌କ୍ଲେଭ୍‌ରେ ମୋଟ୍ ୩୩ଟି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ, ୭୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ଆସିଛି। ଏହା କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଏହା ସହିତ ପ୍ରତିବର୍ଷ ଏହି କନ୍‌କ୍ଲେଭ୍ ଆୟୋଜନ କରିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ, ଆସନ୍ତା ଦଶନ୍ଧି ମଧ୍ୟରେ ରାଜ୍ୟରେ ଟେକ୍ସଟାଇଲ୍ କ୍ଷେତ୍ରରେ ୫ଲକ୍ଷରୁ ଅଧିକ ରୋଜଗାର ସୃଷ୍ଟିକରିବା ସହିତ ୫ଟି ଟେକ୍ସଟାଇଲ୍ ଓ ଆପାରେଲ୍ ପାର୍କ ବିକଶିତ କରିବା ଦିଗରେ ଆମ ସରକାର ଯୋଜନା କରୁଛନ୍ତି। ଚଳିତ ଆର୍ଥିକବର୍ଷରେ ଦେଶର ସମୁଦାୟ ଘରୋଇ ନିବେଶର ୪୦ ପ୍ରତିଶତ ଓଡ଼ିଶାକୁ ଆସିଛି। ଏହା ବିଶ୍ୱର ଉଦ୍ୟୋଗ ଜଗତର ଆମ ସରକାରଙ୍କ ଉପରେ ଥିବା ଆସ୍ଥାକୁ ଦର୍ଶାଉଛି। ଏହା ଭରସାକୁ ଅତୁଟ ରଖିବା ଦିଗରେ ଆମର ଉଦ୍ୟମ ଜାରି ରହିବ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ଦେଶର କୋଣ ଅନୁକୋଣରୁ ଆସିଥିବା ଟେକ୍ସଟାଇଲ ଉଦ୍ୟୋଗୀ ଏବଂ ଶିଳ୍ପପତିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସଚିବ ଗୁହା ପୁନମ ତାପସ କୁମାର ଧନ୍ୟବାଦ ଦେଇଥିଲେ।

# ୮୬୯.୮ କୋଟିର ପୁଞ୍ଜି ବିନିଯୋଗ ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର: ରାଜ୍ୟରେ ୮୬୯.୮ କୋଟି ଟଙ୍କା ବିନିଯୋଗରେ ମୋଟ ୧୭୮ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅକ୍ଷୟଶକ୍ତି ପ୍ରକଳ୍ପ ସ୍ଥାପନ କରିବା ପାଇଁ ଅନୁମୋଦନ ପ୍ରାପ୍ତ ହୋଇଛି। ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଲ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱାଦଶ ସିଙ୍ଗଲ୍ ୱିଣ୍ଡୋ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ ଗ୍ରୀଡକୋର ପରିଚାଳନା ନିର୍ଦ୍ଦେଶକ ସତ୍ୟପ୍ରିୟ ରଥଙ୍କ ସମେତ ଗ୍ରିଡକୋ ଏବଂ ଓଏଚ୍‌ପିସିର ନିର୍ଦ୍ଦେଶକ, ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ ନିରୀକ୍ଷକ ଓ ଅନ୍ୟାନ୍ୟ ବରିଷ୍ଠ କମିଟି ସଦସ୍ୟ ଉପସ୍ଥିତ ଥିଲେ। ଅକ୍ଷୟ ଶକ୍ତି ପ୍ରମୁଖ ସଂସ୍ଥାର ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ ପ୍ରକଳ୍ପ ପ୍ରସ୍ତାବଗୁଡ଼ିକୁ ଏହି ବୈଠକରେ ଉପସ୍ଥାପନ କରିଥିଲେ ଏବଂ ତତସମ୍ବନ୍ଧରେ ସମ୍ପୂର୍ଣ୍ଣ ବିଚାରବିମର୍ଶ ପରେ ସିଙ୍ଗଲ ୱିଣ୍ଡୋ କମିଟି ତାହାକୁ ଅନୁମୋଦନ ଦେଇଥିଲା। ଅନୁମୋଦିତ ପ୍ରକଳ୍ପମାନଙ୍କ ମଧ୍ୟରେ ରହିଛି, ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁରରେ ପ୍ରୋଜିଏଲ୍ ଗ୍ରୀନ ଏନର୍ଜି ଲିମିଟେଡ ଦ୍ୱାରା ୬୯.୫ ମେଗାୱାଟ୍ ସୋଲାର ପାର୍କ, କେନ୍ଦୁଝର ତେଲକୋଇ ଠାରେ ଆଇନକ୍ସ୍ ସୋଲାର୍ ଲିମିଟେଡ୍ ଦ୍ୱାରା ୪୯.୫ ମେଗାୱାଟ୍ ସୋଲାର ପ୍ରକଳ୍ପ, ଝାରସୁଗୁଡାର ଲଖନପୁର ଠାରେ ମହାନଦୀ କୋଲ୍ ଫିଲ୍ଡ ଦ୍ୱାରା ୧୦ ମେଗାୱାଟ୍ ସୋଲାର ପ୍ରକଳ୍ପ ଓ ନବରଙ୍ଗପୁରର ପାପଡାହାଣ୍ଡିରେ ଏନ୍.ଏଲ୍.ସି ଦ୍ୱାରା ପବନ ଶକ୍ତି ପ୍ରକଳ୍ପ। ଏହି ପ୍ରକଳ୍ପଗୁଡ଼ିକ ସମେତ ଏପର୍ଯ୍ୟନ୍ତ ସିଙ୍ଗଲ୍ ୱିଣ୍ଡୋ କମିଟି ମାଧ୍ୟମରେ ମୋଟ ୧,୮୪୪.୮୬ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅକ୍ଷୟ ଶକ୍ତି ପ୍ରକଳ୍ପ ପାଇଁ ମୋଟ ୧୨,୫୯୯.୭୯ କୋଟି ଟଙ୍କାର ବିନିଯୋଗ ପ୍ରସ୍ତାବ ଅନୁମୋଦନ ଲାଭ କରିଛି।

# 'ସ୍ୱଚ୍ଛ ନିରାପଦ ପାନୀୟ ଜଳ ଯୋଗାଇବା ପାଇଁ ସରକାର ସଙ୍କଳ୍ପବଦ୍ଧ'

**ଭୁବନେଶ୍ୱର:** ସ୍ୱଚ୍ଛ ନିରାପଦ ପାନୀୟ ଜଳ ହେଉଛି ଏକ ମୌଳିକ ଆବଶ୍ୟକତା। ସମଗ୍ର ଓଡ଼ିଶାବାସୀଙ୍କୁ ସ୍ୱଚ୍ଛ ନିରାପଦ ପାନୀୟ ଜଳ ଯୋଗାଇବା ପାଇଁ ସରକାର ସଙ୍କଳ୍ପବଦ୍ଧ ଅଛନ୍ତି। ରାଜ୍ୟରେ ବର୍ତ୍ତମାନ ୨୦୭ଟି ମେଗା ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୮ଟି ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି। ଅନ୍ୟ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ମଧ ତ୍ୱରାନ୍ୱିତ କରାଯାଇଛି ଓ ସେସବୁର ପ୍ରତ୍ୟକ୍ଷ ନିରୀକ୍ଷଣ କରାଯାଉଛି ବୋଲି ପଞ୍ଚାୟତିରାଜ ଓ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ପ୍ରକାଶ କରିଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ବର୍ତ୍ତମାନ ରାଜ୍ୟରେ ଚାଲିଥିବା ୨୦୭ଟି ମେଗା ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ୧୮ଟି ପ୍ରକଳ୍ପ ପୂର୍ଣ୍ଣ ରୂପେ ସଂପୂର୍ଣ୍ଣ ହୋଇଯାଇଛି। ନୂଆପଡା ଜିଲ୍ଲାର ସମସ୍ତ ଗ୍ରାମ 'ହର ଘର ଜଳ ଯୋଜନା'ରେ ଅନ୍ତର୍ଭୁକ୍ତ ହୋଇପାରିଛି, ଯାହା ଗ୍ରାମୀଣ ଜୀବନରେ ପାନୀୟ ଜଳ ସୁବିଧାକୁ ସୁନିଶ୍ଚିତ କରିବାରେ ଏକ ଐତିହାସିକ ପଦକ୍ଷେପ। ସରକାରୀ ସ୍ତରରେ ଏହି ପ୍ରକଳ୍ପଗୁଡିକୁ ଯଥାଶୀଘ୍ର ସମ୍ପନ୍ନ କରିବା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି। ସେହି ଅନୁସାରେ ଅଗଷ୍ଟ ମାସରେ ୨୧ଟି, ସେପ୍ଟେମ୍ବର ଶେଷ ପୂର୍ବରୁ ୧୧ଟି ଏବଂ ୨୦୨୫ ଡିସେମ୍ବର ପୂର୍ବରୁ ୨୨ଟି ପ୍ରକଳ୍ପ ସମ୍ପନ୍ନ କରିବା ଲକ୍ଷ୍ୟ ସ୍ଥିର କରାଯାଇଛି। ଏହି ସହରାଜ୍ୟରେ ପାନୀୟ ଜଳର ସୁପରିଚାଳନା ପାଇଁ ଏକ ଜଳ ନିଗମ ପ୍ରତିଷ୍ଠା କରିବାକୁ ସରକାର ବିଚାର କରୁଛନ୍ତି ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ନିରାପଦ ପାନୀୟ ଜଳ ସୁନିଶ୍ଚିତତା ପାଇଁ ରାଜ୍ୟର ୫,୨୭,୫୭୦ ନଳକୂପ/ସାନିଟାରି ୱେଲ୍, ୨୧,୪୦୧ ପ୍ରୋଡକ୍ସନ ୱେଲ୍ ଓ ୧୫,୧୫୫ଟି ଓଭରହେଡ୍ ଟ୍ୟାଙ୍କକୁ ଲଗାତର ବିଶୁଦ୍ଧିକରଣ କରାଯାଉଛି। ପୂର୍ବବର୍ଷରେ ମଞ୍ଜୁର ହୋଇଥିବା ୨୯,୫୧୨ ନଳକୂପ ମଧ୍ୟରୁ ୨୦,୮୯୧ଟି ପ୍ରାୟ ସମ୍ପନ୍ନ ହୋଇଛି। ଏହି ସମସ୍ତ କାର୍ଯ୍ୟରେ ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ଦିଆଯାଉଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଯେଉଁ ଏଜେନ୍ସି କାର୍ଯ୍ୟ ସମାପ୍ତ ନ କରୁଛି, ତାହା ଉପରେ ପେନାଲ୍ଟି ଲଗାଯିବ। ସେହିଭଳି ଦାୟିତ୍ୱରେ ରହିଥିବା ଅଧିକାରୀ ଓ କର୍ମଚାରୀମାନଙ୍କର ମଧ ଉତ୍ତରଦାୟିତ୍ୱ ସ୍ଥିର କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ।

# ବାର୍ଡ ଫ୍ଲୁ: ଜଙ୍କିଆରେ ମରାଗଲା ୪୫୦୭ କୁକୁଡ଼ା

ଭୁବନେଶ୍ୱର: ଖୋର୍ଦ୍ଧାରେ ବାର୍ଡ ଫ୍ଲୁ ଚିହ୍ନଟ ପରେ ଜଙ୍କିଆ ଅଞ୍ଚଳରେ ୪୫୦୭ଟି କୁକୁଡ଼ା ମରାଯାଇଛି। କିଛି ଦିନ ହେବ ଖୋର୍ଦ୍ଧା ଜିଲ୍ଲାର ଜଙ୍କିଆ ସମେତ ବିଭିନ୍ନ ଅଞ୍ଚଳର କୁକୁଡ଼ା ଫାର୍ମରେ କୁକୁଡ଼ା ମରିବା ସଂପର୍କରେ ଖବର ପାଇବା ପରେ ଖୋର୍ଦ୍ଧା ଡେପୁଟି ଡାଇରେକ୍ଟର ମାନସ କୁମାର ଚାନ୍ଦଙ୍କ ସମେତ ଅନ୍ୟ ପଶୁ ଚିକିତ୍ସକ ଆସି ଜଙ୍କିଆରୁ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଭୋପାଳ ପଠାଇଥିଲେ। ରିପୋର୍ଟରୁ ବାର୍ଡ ଫ୍ଲୁ ରୋଗ ଚିହ୍ନଟ ହେବା ପରେ ଆଜି ଜଙ୍କିଆର ମୁଣ୍ଡାଆମ୍ବ ଅଞ୍ଚଳରେ ଥିବା ଏକ କୁକୁଡ଼ା ଫାର୍ମରେ ପହଞ୍ଚି ୪୫୦୭ କୁକୁଡ଼ା ମାରି ଥିବାବେଳେ ରଖାଯାଇଥିବା ୧୬ ଶହ କେଜି କୁକୁଡ଼ା ଦାନାକୁ ନଷ୍ଟ କରାଯାଇଛି। ମଲା କୁକୁଡ଼ା ଓ ଦାନାକୁ ଜେସିବିରେ ଏକ ଗାତ ଖୋଳି ପୋତାଯାଇଛି। ଏହି ସମୟରେ ଅତିରିକ୍ତ ପ୍ରାଣୀ ନିର୍ଦ୍ଦେଶକ ମିହିର ନାୟକ, କଟକ, ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ରବି ନାରାୟଣ ପଟ୍ଟନାୟକ, ଡେପୁଟି ଡାଇରେକ୍ଟର ମାନସ କୁମାର ଚାନ୍ଦ, କଟକ ତିଗିରିଆ ପ୍ରାଣୀ ଚିକିତ୍ସକ ସତ୍ୟବ୍ରତ ଦାସ, ବାଲିପାଟଣା ପ୍ରାଣୀ ଚିକିତ୍ସକ ପ୍ରିତମ ପ୍ରିତିମାନ ପଣ୍ଡା ଓ କନ୍ଧମାଳ, ଟାଙ୍ଗୀ, ସିକୋ, ବେଗୁନିଆ, ଆଠଗଡ ଆଦି ପ୍ରାଣୀ ଚିକିତ୍ସକଙ୍କ ସମେତ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଉପସ୍ଥିତ ଥିଲେ।

# ରାଜ୍ୟରେ ବଢୁଛି ଆକ୍ରାନ୍ତଙ୍କ ସଂଖ୍ୟା

**ଭୁବନେଶ୍ୱର:** ରାଜ୍ୟରେ ଡେଙ୍ଗୁ ଆତଙ୍କ ବଢ଼ିବାରେ ଲାଗିଛି। ବିଶେଷ ଭାବରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡେଙ୍ଗୁ ପ୍ରବଣ ଅଞ୍ଚଳ ଉପରେ କଡ଼ା ନଜର ରହିଛି। ୩ ମ୍ୟୁନିସିପାଲିଟି ସହିତ ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି ପରି ୭ଟି ଜିଲ୍ଲାକୁ ଗୋଟେ ଲେଖାଏଁ ସ୍ୱତନ୍ତ୍ର ଡାକ୍ତରୀ ଦଳ ଭୁବନେଶ୍ୱରରୁ ଯାଇ ସମୀକ୍ଷା କରିବେ ବୋଲି ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର। ସମ୍ପ୍ରତି ରାଜଧାନୀରେ ମଧ୍ୟ ବଢ଼ି ଚାଲିଛନ୍ତି ଡେଙ୍ଗୁ ଆକ୍ରାନ୍ତ। ହସ୍ପିଟାଲ୍‌ରେ ବୃଦ୍ଧି ପାଉଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା। ବର୍ତ୍ତମାନ ସୁଦ୍ଧା ରୋଗୀ ସଂଖ୍ୟା ୮୦ ଛୁଇଁଲାଣି। ସେହିପରି ରାଜ୍ୟର ବିଭିନ୍ନ ଜିଲ୍ଲାରେ ବଢୁଛି ଡେଙ୍ଗୁ ସଂକ୍ରମଣ।କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଚଳିତ ମାସରେ ମୋଟ ୨ ହଜାର ୪୭୨ଟି ଡେଙ୍ଗୁ ପରୀକ୍ଷଣ କରାଯାଇଥିଲା। ସେଥି ମଧ୍ୟରୁ ୭୪ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଚଳିତ ବର୍ଷ ରାଜ୍ୟରେ ବିଭିନ୍ନ ଜିଲ୍ଲାରୁ ୪୦୦ରୁ ଅଧିକ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଡେଙ୍ଗୁ ପ୍ରବଣ ଜିଲ୍ଲା ପାଇଁ ସ୍ୱତନ୍ତ୍ର ଯୋଜନାମାନ ପ୍ରସ୍ତୁତ କରାଯାଇଛି। ରାଜ୍ୟରୁ ଜାନୁଆରୀ ପହିଲାରୁ ଜୁଲାଇ ୨୪ ତାରିଖ ମଧ୍ୟରେ ୪୫ ହଜାର ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଛି। ସେଥିମଧ୍ୟରୁ ୪୦୦ରୁ ଅଧିକ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛି।

ତେଜସ୍ୱିନୀ

## ବିଶେଷ ଦୃଷ୍ଟି ଆକର୍ଷଣ

- ପିଲିଭିତ୍ ବ୍ୟାଘ୍ର ଅଭୟାରଣ୍ୟ
- ଅପରାଜିତା ଫୁଲ
- ୟୁରୋପା
- ପିତ୍ତାଶୟରେ ପଥର

# ଖାଦ୍ୟାଭାବ ଓ ଦେଶାନ୍ତର

୨୦୨୫ ମସିହା ପ୍ରଥମାର୍ଦ୍ଧରେ ପାଖାପାଖି ୨୦,୦୦୦ ଲୋକ ଛୋଟ ଡଙ୍ଗାରେ ଇଂଲିଶ୍ ଚ୍ୟାନେଲ ପାର ହୋଇ ଇଂଲଣ୍ଡକୁ ଆସିଛନ୍ତି ଏବଂ ଗତବର୍ଷ ଏହି ଅବଧିରେ ଯେତିକି ଲୋକ ଆସିଥିଲେ, ତାହା ତୁଳନାରେ ୪୮% ବୃଦ୍ଧି ଘଟିଛି। ଏହାସହ ୨୦୨୪ ପ୍ରାରମ୍ଭରୁ ଏଯାବତ୍ ଲିବ୍ୟାରୁ ଗ୍ରୀସ୍‌କୁ ଦେଶାନ୍ତର ହୋଇଥିବା ଲୋକଙ୍କ ସଂଖ୍ୟା ୧୭୩% ବୃଦ୍ଧିପାଇଛି। ଦେଶାନ୍ତର ଗମନ ବନ୍ଦ କରିବା ପାଇଁ ପାଶ୍ଚାତ୍ୟ ନେତାମାନେ ସୀମାରେ ନିୟମ ଦୃଢ଼ କରିବା ସହ ସୀମାନ୍ତ ଦେଶଗୁଡ଼ିକ ସହ ଚୁକ୍ତି କରୁଛନ୍ତି। ୟୁରୋପୀୟ କମିଶନ୍‌ର ଅଧ୍ୟକ୍ଷ ଉର୍ସୁଲା ଭୋଣ୍ଡର ଲିୟେନ ଉପମହାଦେଶର ସବୁଆଡ଼େ ସୀମାକୁ ନିୟନ୍ତ୍ରଣ କରିବା ଲାଗି ଆହ୍ୱାନ ଦେଇଛନ୍ତି। ଏହାସହ ଇଂଲଣ୍ଡ ପ୍ରଧାନମନ୍ତ୍ରୀ କେଏର ଷ୍ଟାର୍ମର ବେଆଇନ ସୀମାପାରକୁ ଉତ୍ସାହିତ କରୁଥିବା ଗୋଷ୍ଠୀଙ୍କ ସମ୍ପୂର୍ଣ୍ଣ ଦମନ କରିବା ପାଇଁ ସଙ୍କଳ୍ପ ନେଇଛନ୍ତି।

୧୯୯୦ ପରଠାରୁ ଅନ୍ତର୍ଜାତୀୟ ସ୍ତରରେ ଦେଶାନ୍ତର ହେଉଥିବା ଲୋକଙ୍କ ସଂଖ୍ୟା ବଢ଼ି ପାଖାପାଖି ଦୁଇଗୁଣ ହୋଇଯାଇଛି। ଜଳବାୟୁ ପରିବର୍ତ୍ତନ ବିପଦ ଯୋଗୁ ଏହି ସଂଖ୍ୟା ଦ୍ରୁତ ଗତିରେ ବଢୁଛି। ଏବକାର ଦେଶାନ୍ତର ଧାରା ନେତାଙ୍କ ପ୍ରତି ଏକ ସତର୍କଘଣ୍ଟି ଏବଂ ସେମାନେ ସ୍ୱୀକାର କରିବା ଉଚିତ ଯେ, ଏହା କେବଳ ଏକ ପ୍ରାରମ୍ଭିକ ଝଟକା। ପଦକ୍ଷେପ ସ୍ୱରୂପ, ଜଳବାୟୁଜନିତ ସଂଘର୍ଷ ଓ ବିପର୍ଯ୍ୟୟ ଦ୍ୱାରା ଦେଶାନ୍ତର ଲୋକଙ୍କ ସଂଖ୍ୟାବୃଦ୍ଧିକୁ ରୋକିବା ଲାଗି କୌଣସି ସ୍ୱଳ୍ପକାଳୀନ କଟକଣା ପର୍ଯ୍ୟାପ୍ତ ହେବ ନାହିଁ। ଏହା ବଦଳରେ ସରକାରଗୁଡ଼ିକ ଦେଶାନ୍ତରର ମୂଳ କାରଣ ଉପରେ ବିଚାର କରିବା ଉଚିତ। ସେହିସବୁ ମଧ୍ୟରେ ପ୍ରମୁଖ କାରଣ ହେଉଛି ଖାଦ୍ୟ ଅସୁରକ୍ଷା। ଜଳବାୟୁ ପରିବର୍ତ୍ତନ କୃଷି ଉତ୍ପାଦନକୁ ଭୀଷଣ କ୍ଷତି କରୁଥିବାରୁ ଖାଦ୍ୟ ଅସୁରକ୍ଷା ବୃଦ୍ଧି ପାଉଛି। ଆଫ୍ରିକାରେ ଏହି ସ୍ଥିତି ସବୁଠୁ ଗମ୍ଭୀର ଏବଂ ନିକଟରେ ଏହା ସବୁଠୁ ଉତ୍ତପ୍ତ ଦଶନ୍ଧିକୁ ସାମ୍ନା କରିଛି। ୨୦୨୩ରେ, ୪୦ ବର୍ଷ ମଧ୍ୟରେ କେନିଆ ଭୟଙ୍କର ମରୁଡ଼ି କବଳରେ ପଡ଼ିଥିଲା। ତା’ ପରବର୍ଷ ଆଫ୍ରିକା ମହାଦେଶର ଦକ୍ଷିଣାଞ୍ଚଳ ଶତାବ୍ଦୀର ଭୟଙ୍କର ମରୁଡ଼ିକୁ ସାମ୍ନା କରିଥିଲା। ଏହା ଯୋଗୁ ଜାମ୍ବିଆ ଓ ଜିମ୍ବାୱେରେ ମକା ଉତ୍ପାଦନ ଅଧାରୁ ଅଧିକ ହ୍ରାସ ପାଇଥିଲା। ୨୦୨୪ରେ ଦକ୍ଷିଣ ସୁଦାନରେ ପ୍ରଳୟଙ୍କରୀ ବନ୍ୟାରେ ୩ କୋଟିରୁ ଅଧିକ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ଘଟିଥିଲା। ଲଗାତର ଏବଂ ଗମ୍ଭୀର ପରିବେଶଗତ ବିପଦ ଯୋଗୁ ଭବିଷ୍ୟତରେ ଅଧିକ ଅସ୍ଥିରତା ସୃଷ୍ଟି ହୋଇପାରେ ଏବଂ ଯାହାର ସଙ୍କେତ ଏବକାର ବିପର୍ଯ୍ୟୟରୁ ମିଳୁଛି। ଆକଳନ କରାଯାଉଛି ମହାଦେଶର ଜନସଂଖ୍ୟା ୨୦୭୦ ସୁଦ୍ଧା ଦୁଇଗୁଣ ହେବ। ଯଦି ବିପର୍ଯ୍ୟୟ ଧାରା ଲାଗି ରହେ, ତେବେ ୨୦୫୦ ସୁଦ୍ଧା ଆଫ୍ରିକାର ଶସ୍ୟ ଉତ୍ପାଦନ ୧୮% ହ୍ରାସ ପାଇପାରେ। ଏଭଳି ସ୍ଥିତିରେ କୃଷି ଉତ୍ପାଦନ ଶୀଘ୍ର ବୃଦ୍ଧି କରିବାର ଆବଶ୍ୟକତା ରହିଛି।

ଜଳବାୟୁ ପରିବର୍ତ୍ତନ ପ୍ରଭାବର ଦେଶାନ୍ତର ଲହରକୁ ଜାତୀୟ ସୀମାରେ କଡ଼ା ନିୟମ ଲାଗୁ କରି ରୋକି ହେବ ନାହିଁ। ଗ୍ରାମାଞ୍ଚଳରୁ ଅତ୍ୟଧିକ ଲୋକ ସହରାଞ୍ଚଳକୁ ସ୍ଥାନାନ୍ତର ହେବାରେ ଜଳବାୟୁଜନିତ ଖାଦ୍ୟାଭାବ ଏକ ପ୍ରମୁଖ କାରଣ ପାଲଟିଗଲାଣି। ଉତ୍ପାଦନ ହ୍ରାସ ପାଇବା ସହ ପାଣିପାଗର ନକାରାତ୍ମକ ପ୍ରଭାବ ଯୋଗୁ ଜୀବନଜୀବିକା କ୍ଷତି ହେଉଛି। ଫଳରେ ଅଧିକରୁ ଅଧିକ ଲୋକ ସୁରକ୍ଷା, ସ୍ଥାୟିତ୍ୱ ଏବଂ ଜୀବିକା ଅନ୍ୱେଷଣରେ ସେମାନଙ୍କ ଘର ଛାଡ଼ିବାକୁ ବାଧ ହେବେ। ସଂସାଧନ ଶେଷ କରିବାକୁ ଚାଲିଥିବା ପ୍ରତିଯୋଗିତା ରାଜନୈତିକ ଅସ୍ଥିରତା ଏବଂ ହିଂସାତ୍ମକ ସଂଘର୍ଷ ସୃଷ୍ଟି କରିବ, ଯାହା ଅଧିକରୁ ଅଧିକ ଲୋକଙ୍କୁ ଦେଶାନ୍ତର ହେବା ସକାଶେ ବାଧ କରିବ। ଏବେ ଖାଦ୍ୟ ବ୍ୟବସ୍ଥା ଭୁଶୁଡ଼ି ପଡୁଥିବାରୁ ପଦକ୍ଷେପ ନେବା ଲାଗି ସରକାରଗୁଡ଼ିକ ଉପରେ ଚାପ ପଡ଼ିଲାଣି। ଆହ୍ୱାନପୂର୍ଣ୍ଣ ପରିସ୍ଥିତିରୁ ମୁକୁଳିବା ପାଇଁ ଅନ୍ତର୍ଜାତୀୟ ସହଯୋଗ ଏବଂ ଜଳବାୟୁ ସହନୀୟ କୃଷି ଲୋଡ଼ା ଏବଂ ଏସବୁ ବୈଶ୍ୱିକ ସ୍ଥାୟିତ୍ୱ ନିଶ୍ଚିତ କରିବାର ସବୁଠୁ ପ୍ରଭାବୀ ଉପାୟ। ପାଶ୍ଚାତ୍ୟ ନେତାମାନେ ସବୁଆଡ଼େ ଜଳବାୟୁ ସହନୀୟ କୃଷିକୁ ବ୍ୟାପକ କରିବା ନିମନ୍ତେ ପଦକ୍ଷେପ ନେବା ଦରକାର। ବିପର୍ଯ୍ୟୟ ପୂର୍ବରୁ ସତର୍କ କରିବାର ବ୍ୟବସ୍ଥା, ଅଧିକ ମରୁଡ଼ି ପ୍ରତିରୋଧୀ ଶସ୍ୟ ଚାଷ ଏବଂ ପରିବେଶ ଉପଯୋଗୀ କୃଷିକୁ ପ୍ରୋତ୍ସାହିତ କରିବା ଆବଶ୍ୟକ। ସବୁ ସମାଧାନର ଉପାୟ ବ୍ୟାପକ ଭାବେ ଉପଲବ୍ଧ କରାଇବା ପାଇଁ ବିତ୍ତୀୟ ଓ ପ୍ରଯୁକ୍ତିଗତ ବାଧାଗୁଡ଼ିକୁ ହଟାଇବାକୁ ପଡ଼ିବ; କାରଣ କୃଷକମାନଙ୍କ ପାଇଁ ଆବଶ୍ୟକ ହେଉଥିବା ଯନ୍ତ୍ରପାତି, ଜ୍ଞାନ ଏବଂ ପୁଞ୍ଜିର ଘୋର ଅଭାବ ରହିଛି।

ନୀତି ନିର୍ଦ୍ଧାରକ ଓ ଅନ୍ତର୍ଜାତୀୟ ବିତ୍ତୀୟ ସଂସ୍ଥାଗୁଡ଼ିକ ଏହିସବୁ ପଦକ୍ଷେପର ଅଗ୍ରଗତି ଉପରେ ଗୁରୁତ୍ୱ ଦେବା ଦରକାର। ଉଦାହରଣ ସ୍ୱରୂପ, ସାଟେଲାଇଟ୍ ଓ ପାଣିପାଗ ତଥ୍ୟ ସମସ୍ତଙ୍କ ପାଖରେ ପହଞ୍ଚାଇଲେ ପୂର୍ବ ସତର୍କ ବ୍ୟବସ୍ଥା ମଜଭୁତ ହେବ। ଏହା କୃଷି ଉତ୍ପାଦନର ସୁରକ୍ଷା ପାଇଁ କୃଷକ ଓ ସରକାରକୁ ଠିକ୍ ସମୟରେ ପ୍ରତିଷେଧାତ୍ମକ ପଦକ୍ଷେପ ନେବାକୁ ସକ୍ଷମ କରାଇବ। କିନ୍ତୁ ଏବେ ସୁଦ୍ଧା ଆଫ୍ରିକାର ପାଖାପାଖି ୬୦ ପ୍ରତିଶତ ଲୋକଙ୍କ ନିକଟରେ ଏହିସବୁ ବ୍ୟବସ୍ଥା ପହଞ୍ଚିତ୍ ନାହିଁ। ଏହି ପ୍ରତିଶତକୁ କମାଇବାକୁ ହେଲେ ଅନ୍ତର୍ଜାତୀୟ ସମୁଦାୟ ପରିବେଶ ଉପଯୋଗୀ କୃଷି ଉପରେ ଗୁରୁତ୍ୱ ଦେଉଥିବା ଆଞ୍ଚଳିକ ପ୍ରଶିକ୍ଷଣ କେନ୍ଦ୍ର ଏବଂ ମଡେଲ ଫାର୍ମଗୁଡ଼ିକୁ ସହଯୋଗ କରିବା ଉଚିତ। କୃଷକଙ୍କୁ ଏ ସମ୍ପର୍କିତ ଜ୍ଞାନ ଯୋଗାଇଦେବା ଦରକାର।

ଦୀର୍ଘ ଦଶନ୍ଧି ହେଲା କୃଷି ଗବେଷଣା ଓ ବିକାଶ କ୍ଷେତ୍ରରେ ସରକାରୀ ପାଣ୍ଠି ହ୍ରାସ ପାଇଚାଲିଛି। ଜଳବାୟୁ ବିପଦ ତୀବ୍ର ହେଉଥିବାବେଳେ ଏହା ବୈଶ୍ୱିକ ନୂତନତ୍ୱ ପ୍ରବାହକୁ ଦୁର୍ବଳ କରିଦେଇଛି। ଏଣୁ ଏହି ସମୟରେ ପାଶ୍ଚାତ୍ୟ ସରକାରଗୁଡ଼ିକ ଏବଂ ବିଭିନ୍ନ ଅନ୍ତର୍ଜାତୀୟ ସଂଗଠନ ପାଣ୍ଠି ଯୋଗାଣ ଉପରେ ପଦକ୍ଷେପ ନେବା ଦରକାର। ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ୍‌ର ସଦ୍ୟତମ ରିପୋର୍ଟରୁ ଜଣାପଡ଼ିଛି ଯେ, ଉଚ୍ଚ ଆୟ ବର୍ଗର ଦେଶଗୁଡ଼ିକରେ ଜଳବାୟୁ ସହନୀୟ ଶସ୍ୟ ଉପରେ ଗବେଷଣା ଚାଲିଥିବାବେଳେ ତାହା ବିକାଶଶୀଳ ଦେଶଗୁଡ଼ିକରେ ହୋଇପାରୁନାହିଁ, ଯେଉଁଠି ସେମାନେ ପାଣ୍ଠି ଓ ଗବେଷଣା ଲବ୍ଧ ଜ୍ଞାନରୁ ବଞ୍ଚିତ ହେଉଛନ୍ତି। ଏକ ଉଲ୍ଲେଖନୀୟ ସମାଧାନର ବାଟ ହେଉଛି ଏକ ବିକଶିତ ମାର୍କେଟର ପ୍ରତିବଦ୍ଧତା। ଏହି ବ୍ୟବସ୍ଥାରେ ସବୁ ସରକାର ଏବଂ ବିଶ୍ୱ ବ୍ୟାଙ୍କ ଭଳି ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ନିର୍ଦ୍ଦିଷ୍ଟ ଉତ୍ପାଦ ପାଇଁ ଏକ ମାର୍କେଟ ସୃଷ୍ଟି କରିବାକୁ ସକ୍ଷମ ହେବେ। ଉତ୍ପାଦ କିଣିବା ଓ ସବ୍‌ସିଡିର ପ୍ରତିଶ୍ରୁତି ଦେଇ ଏହା କରାଯାଇପାରିବ। ଜଳବାୟୁ ସହନୀୟ ଶସ୍ୟ ପାଇଁ ଏହି ମଡେଲ ଲାଗୁ କଲେ ତାହା ଉତ୍ପାଦନ ବୃଦ୍ଧି ପାଇଁ ନିବେଶର ପଥ ଖୋଲି ଦେଇପାରେ ଏବଂ ଆଫ୍ରିକା ଓ ଅନ୍ୟ ଦେଶଗୁଡ଼ିକରେ କୃଷକଙ୍କ ପାଇଁ ଲାଭଦାୟକ ହେବ। ଜନସଂଖ୍ୟା ବୃଦ୍ଧି ଯୋଗୁ ଅଧିକ କୃଷି ଜମିର ଆବଶ୍ୟକତା ପଡୁଛି। ନୂତନତ୍ୱ ଓ ରାଜନୈତିକ ଇଚ୍ଛାଶକ୍ତି ନ ରହିଲେ ଏବକାର ଖାଦ୍ୟ ବ୍ୟବସ୍ଥା ଭବିଷ୍ୟତର ଆବଶ୍ୟକତା ପୂରଣ କରିପାରିବ ନାହିଁ। ଏଣୁ ପର ପିଢ଼ିର ପ୍ରଯୁକ୍ତିକୁ ଗ୍ରହଣ କରି ତ୍ୱରିତ ସ୍ୱୀକୃତି ଦେବା ସକାଶେ ନିୟାମକ ଢାଞ୍ଚାଗୁଡ଼ିକ ଅଧିକ ସକ୍ରିୟ କରାଯିବା ଦରକାର।

ଜଳବାୟୁ ପରିବର୍ତ୍ତନ ଯୋଗୁ କୃଷି କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ଦୂର କରି ପୁନର୍ବାର ଉତ୍ପାଦନ ବୃଦ୍ଧି କରିବାକୁ ଦୃଢ଼ ପଦକ୍ଷେପ ନେବା କେବଳ ଏକ ବିକାଶର ବିଷୟ ନୁହେଁ, ବରଂ ଜଳବାୟୁଜନିତ ବିପର୍ଯ୍ୟୟ ବୃଦ୍ଧି ପାଉଥିବା ସମୟରେ ଏହା ଏକ ଭୂରାଜନୈତିକ ଆବଶ୍ୟକତା। ପ୍ରବାସନ ଓ ଶରଣାର୍ଥୀ ବଢୁଥିବା ପରିପ୍ରେକ୍ଷୀରେ ଦେଶାନ୍ତରର ମୂଳ କାରଣକୁ, ଅସ୍ଥିରତା ଓ ଖାଦ୍ୟ ଅସୁରକ୍ଷାକୁ ନିୟନ୍ତ୍ରଣ କରିବା ପାଇଁ ସୀମାଗୁଡ଼ିକୁ ମଜଭୁତ କରିବା ଏକ ବ୍ୟୟବହୁଳ ଏବଂ ଅପ୍ରଭାବୀ ପଦକ୍ଷେପ ହେବ। ଏକ ମୌଳିକ ତଥା ଭିନ୍ନ ପଦକ୍ଷେପ ବିନା ଏବେ ବଢୁଥିବା ଦେଶାନ୍ତର ସଙ୍କଟ ପୂର୍ବ ଭଳି ଲାଗି ରହିବ, ଯାହାକୁ କୌଣସି ସରକାର ରୋକିପାରିବେ ନାହିଁ।

# ଶାନ୍ତି ପ୍ରୟାସର ଆହ୍ୱାନ

ସଚେତନତା ଅଭାବରୁ କୋର୍ଟ କଚେରି, ଥାନାର ଭୟ ଦେଖାଇ କିଛି ଖଳପ୍ରକୃତିର ବ୍ୟକ୍ତି ସାଧାରଣ ଜନତାଙ୍କୁ ଭୟଭୀତ କରନ୍ତି ଏବଂ ପରେ ଡାହାଣୀ ହୋଇ ଲାଗିବା ଓ ଗୁଣିଆ ହୋଇ ଛଡ଼ାଇବା ନୀତିରେ ମଧ୍ୟସ୍ଥି ହୋଇ ସେମାନଙ୍କର ସର୍ବସ୍ୱ ଲୁଟନ୍ତି। ଫଳରେ ସବୁଦିନ ପାଇଁ ସେମାନେ ଭୟରେ ସେମାନଙ୍କ ପାଦତଳେ ରହିଥା’ନ୍ତି ଏବଂ କାଳକ୍ରମେ ସେହିପରି ନୀଚ ବ୍ୟକ୍ତିମାନେ ଅର୍ଥ ଓ ବାହୁବଳରେ ବଳୀୟାନ୍ ହୋଇ ରାଜନୀତିରେ ପ୍ରବେଶ କରି ଚଞ୍ଚକତାର ସହିତ ସବୁଦିନ ପାଇଁ ନେତା ଭାବରେ ନିଜକୁ ଉପସ୍ଥାପିତ କରି ଅୟସ କରନ୍ତି, ଯାହା ଏବେ ବି ଭାରତରେ ଭିନ୍ନ ରୂପରେ ବିଦ୍ୟମାନ ଏବଂ ତା’ର ବିକଶିତ ରୂପ ସାରା ବିଶ୍ୱରେ ମହାମାରୀ ଭଳି ମାଡ଼ିଚାଲିଛି, ଯାହା ବିଚାରଯୋଗ୍ୟ।

ଯେତେବେଳେ ଦେଶ-ଦେଶ ଭିତରେ ବିବାଦ ଉପୁଜେ, ସେତେବେଳେ କିଛି ଦେଶର ରାଜନେତା ନିଜର ବାହାଦୁରି ଦେଖାଇ ପ୍ରଚାର କରନ୍ତି ଯେପରି ମୋ ମଧ୍ୟସ୍ଥି ଯୋଗୁ ସେମାନେ ଯୁଦ୍ଧ ନ କରି ନିଜ ଭିତରେ ମିଳାମିଶା କରିଦେଲେ,ତେଣୁ ମୁଁ ବହୁତ କରିତ୍‌କର୍ମା। ଉଦାହରଣ ସ୍ୱରୂପ, ଜୁନ୍ ୨୦୨୫ରେ ଡୋନାଲ୍ଡ ଟ୍ରମ୍ପ୍ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ବିରତି ପାଇଁ ନିଜର ମଧ୍ୟସ୍ଥତାକୁ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର କରିଥିଲେ, ମାତ୍ର ଭାରତର ସ୍ପଷ୍ଟ ବାର୍ତ୍ତା ଥିଲା ଯେ, ‘ଏହି ଯୁଦ୍ଧବିରତି ୧୯୭୨ ସିମ୍‌ଲା ଚୁକ୍ତିନାମା ଅନୁସାରେ ସିଧାସଳଖ ସାମରିକ ବୁଝାମଣା ଦ୍ୱାରା ହୋଇଥିଲା, ଭାରତ କେବେ ବି ତୃତୀୟ ପକ୍ଷ ମଧ୍ୟସ୍ଥତାକୁ ଗ୍ରହଣ କରିନାହିଁ ବା କରିବ ନାହିଁ।’ ଏହାପରେ ଟ୍ରମ୍ପ୍‌ଙ୍କ ମିଛ ଘୋଷଣା ଧରାପଡ଼ିଥିଲା ଏବଂ ସେ ନିଜର ବକ୍ତବ୍ୟ ବଦଳାଇଥିଲେ। ଆଜିକାଲି ସମାନ ଧରଣର କାର୍ଯ୍ୟ ସାରା ବିଶ୍ୱରେ କିଛି ରାଷ୍ଟ୍ରମୁଖ୍ୟ କରିଆସୁଛନ୍ତି, ଫଳରେ ଭବିଷ୍ୟତରେ ଦେଶ-ଦେଶ ମଧ୍ୟରେ ଅବିଶ୍ୱାସ ଓ ହିଂସାର ବାତାବରଣ ସୃଷ୍ଟି ହେବ, ଏହା ନିଃସନ୍ଦେହ। ବର୍ତ୍ତମାନର ଇରାନ୍-ଇସ୍ରାଏଲ୍, ଇସ୍ରାଏଲ୍-ହମାସ୍, ରୁଷ୍-ୟୁକ୍ରେନ୍ ଏବଂ ଭାରତ-ପାକିସ୍ତାନ ଭଳି ଯୁଦ୍ଧ ଦ୍ୱାରା ବିଶ୍ୱରେ ବିଶ୍ୱସନୀୟତା ଓ ସାର୍ବଜନୀନ ଭାବରେ ଗୃହୀତ ମଧ୍ୟସ୍ଥତାକାରୀଙ୍କ ସମ୍ପୂର୍ଣ୍ଣ ଅଭାବ ପରିଲକ୍ଷିତ ହୁଏ ଏବଂ ମିଳିତ ଜାତିସଂଘ ବୋଲି ଗୋଟିଏ ବିଶ୍ୱ ସଂଗଠନ ଥିବାପରି ମନେହୁଏ ନାହିଁ, ଯାହାର ଫଳସ୍ୱରୂପ ଲକ୍ଷଲକ୍ଷ ନିରୀହ ଜନତା ଯୁଦ୍ଧ ଦ୍ୱାରା ପ୍ରାଣ ହରାଉଛନ୍ତି।


ଇତିହାସର ୧୯୭୦ ଦଶକକୁ ଫେରିଯିବା। ଶୀତଳ ଯୁଦ୍ଧ ସମୟରେ ସୋଭିଏଟ୍ ୟୁନିୟନକୁ ରୋକିବା ପାଇଁ ମାଓ ଜେ ଡୋଙ୍ଗଙ୍କ ସହ ହେନ୍‌ରି କିସିଞ୍ଜରଙ୍କ ଗୁପ୍ତ କୂଟନୀତି ବିଶ୍ୱସନୀୟ କାର୍ଯ୍ୟ କରିଥିଲା ଓ ବିଶ୍ୱ ମେଣ୍ଟକୁ ପୁନଃ ଆକୃତି ଦେବା ପାଇଁ ବାସ୍ତବବାଦୀ ରାଜନୀତି ବ୍ୟବହାର କରିଥିଲେ। ସେହିପରି ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଫ୍ରାଙ୍କ୍‌ଲିନ ଡି. ରୁଜ୍‌ଭେଲ୍ଟ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ମୁଖ୍ୟ ନେତୃତ୍ୱ ଦେଇଥିଲେ। ଯୁଦ୍ଧ ପରେ ବ୍ରିଟେନ୍‌ର ଚର୍ଚ୍ଚିଲ ଏବଂ ସୋଭିଏଟ୍ ୟୁନିଅନର ଷ୍ଟାଲିନ୍‌ଙ୍କ ସହ ମିଶି ମିଳିତ ଜାତିସଂଘ ଗଠନର ପ୍ରମୁଖ ପ୍ରବନ୍ଧକ ଥିଲେ। ଯାହା ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଭବିଷ୍ୟତ ଯୁଦ୍ଧ ରୋକିବା ଏବଂ ବିଶ୍ୱରେ ଶାନ୍ତି ସ୍ଥାପନ ପାଇଁ ଗଠିତ ହୋଇଥିଲା। ଏହାଥିଲା ପ୍ରକୃତ ରାଜନୈତିକ ବ୍ୟକ୍ତିଙ୍କ ସମାଜର ମଙ୍ଗଳ ପାଇଁ ସୁସ୍ଥ ଆଚାର ଓ ବିଚାର। ସେହିପରି ଆମେରିକାର ରାଷ୍ଟ୍ରପତି ଜିମି କାର୍ଟର, ୧୯୭୮ ମସିହାରେ କ୍ୟାମ୍ପ୍ ଡେଭିଡ୍ ଚୁକ୍ତିନାମାରେ ମଧ୍ୟସ୍ଥତା କରିଥିଲେ, ଯାହା ଦ୍ୱାରା ଇସ୍ରାଏଲ ଓ ମିଶର ମଧ୍ୟରେ ଏକ ଐତିହାସିକ ଶାନ୍ତିଚୁକ୍ତି ହେଇଥିଲା।

୨୦୨୫ ମଧ୍ୟଭାଗରେ ବିକାଶୋନ୍ମୁଖୀ ବିଶ୍ୱରେ ଇସ୍ରାଏଲ ଏବଂ ଇରାନ୍ ପରସ୍ପରକୁ କ୍ଷେପଣାସ୍ତ୍ର ବିନିମୟ କରୁଛନ୍ତି, ଟ୍ରମ୍ପ୍ ନିଆଁରେ ଘିଅ ଢାଳି ନିଜର ସ୍ୱାର୍ଥ ହାସଲ ଲାଗି ଇରାନ୍ ଉପରେ ବଙ୍କର ବିଧ୍ୱଂସୀ ବୋମା ପକାଇ ଇରାନ୍‌କୁ ନଷ୍ଟ କରିଚାଲିଛନ୍ତି ଯେପରି କିଛି ବର୍ଷ ପୂର୍ବେ ଇରାକ ଶିକାର ହୋଇଥିଲା। ଫଳରେ ବିଖଣ୍ଡିତ ବିଶ୍ୱକୁ ସୁଯୋଗବାଦୀ ମଧ୍ୟସ୍ଥତା ସମ୍ପୂର୍ଣ୍ଣ ବିଫଳ ଏବଂ ଶାନ୍ତି ସ୍ଥାପନକାରୀଙ୍କ ଅଭାବ ଯୋଗୁଁ ସମାଧାନ ସୂତ୍ର ବହୁ ଦୂରରେ। ଅନେକ ରାଷ୍ଟ୍ର ଧର୍ମ ନାମରେ ମାନବ ବିଧ୍ୱଂସକାରୀ ଅସ୍ତ୍ର ଓ ସଙ୍ଗଠନକୁ ପ୍ରସ୍ତୁତ କରି ମାନବ ସଭ୍ୟତାକୁ ନଷ୍ଟ କରିବାକୁ ବ୍ୟସ୍ତ। ଅପରେଶନ ସିନ୍ଦୂର ପରେ ଭାରତ-ପାକିସ୍ତାନ ଉତ୍ତେଜନା ରହୁଛି। କିସିଞ୍ଜରଙ୍କ ଶଟଲ କୂଟନୀତି ଓ ଅନୱର ସାହ ଏବଂ ମେନାଚେମ ବେଗିନଙ୍କ ମଧ୍ୟରେ ବହୁଦିନର ଶାନ୍ତି ମିଳାମିଶା ଆଜିର ତଥାକଥିତ ଶାନ୍ତି ସ୍ଥାପନକାରୀମାନଙ୍କ ଛଦ୍ମବେଶର ଡିଲ୍ ମେକର ଭାବରେ ବହୁଦୂରରେ। ସର୍ବିଆ-କୋସୋଭୋର ବିଭେଦ ମଧ୍ୟରେ ଟ୍ରମ୍ପ୍‌ଙ୍କ ଛଦ୍ମବେଶୀ ମଧ୍ୟସ୍ଥତା ଏକ କାଚଘର ପରି ଗୋଟିଏ ସପ୍ତାହ ଭିତରେ ଭାଙ୍ଗି ପଡ଼ିଥିଲାଏବଂ ରୁଷର ଭ୍ଲାଦିମିର ପୁଟିନଙ୍କ ମସ-ଗା-ତେହେରାନ ଚୁକ୍ତି ତାଙ୍କୁ ପଶ୍ଚିମ ଏସିଆରେ ଦଲାଲ ଭାବରେ ବିବେଚନା କରେ, ସେ ମଧ୍ୟ ଇରାନ୍‌କୁ ଡ୍ରୋନ ଏବଂ କୌଶଳଗତ ପରାମର୍ଶଦାତା ଯୋଗାଣରେ ଏତେ ବ୍ୟସ୍ତ ଯେ, ଇସ୍ରାଏଲ ଏହାକୁ ଗମ୍ଭୀରତାର ସହିତ ନେଇପାରିନାହିଁ। ଚାଇନାର ‘ବେଲ୍ଟ ଆଣ୍ଡ୍ ରୋଡ଼’ ପ୍ରୋଜେକ୍ଟ ପାଇଁ କଶ୍ମୀର ଉପରେ ତାହାର ନୀରବତା ଓ ଅପରେଶନ ବୁନ୍ୟାନ ମାର୍ସୁସ ପାଇଁ ପାକିସ୍ତାନକୁ ସାମରିକ ସହାୟତା ଯୋଗାଣ ଅବିଶ୍ୱାସର ଏକ ଜ୍ୱଳନ୍ତ ଉଦାହରଣ। ୟୁକ୍ରେନ୍ ?ର ଗଚ୍ଛିତ ପ୍ରାକୃତିକ ସମ୍ପଦ ଉପରେ ଆମେରିକାର ଲୋଲୁପଦୃଷ୍ଟି କେବେବି ଆମେରିକାକୁ ରୁଷ-ୟୁକ୍ରେନ୍‌ର ମଧ୍ୟସ୍ଥି କରାଇ ଦେବନାହିଁ।

ଭାରତ ସ୍ୱାଧୀନତା ସମୟରେ ବ୍ରିଟେନ୍‌ର ଚର୍ଚ୍ଚିଲଙ୍କ ଚାଲ୍ ଯୋଗୁ ଓ ସେତେବେଳର ନେତାମାନଙ୍କର ଅଦୂରଦର୍ଶିତା ହେଉ ବା ସମୟର ଅସ୍ଥିର ଅବସ୍ଥା ହେଉ ଅଖଣ୍ଡ ଭାରତକୁ ଧର୍ମ ନାଁରେ ବିଖଣ୍ଡିତ କରିବାର ଫଳ ସ୍ୱରୂପ ଭାରତ ଓ ପାକିସ୍ତାନ ଏବଂ ପରେ ବାଂଲାଦେଶର ସୃଷ୍ଟି। ଏହା ଏପରି ଏକ ସୃଷ୍ଟି ଯେ, ଯେତେଦିନ ପର୍ଯ୍ୟନ୍ତ ଦେଶଗୁଡ଼ିକର ସାଧାରଣ ଜନତା ସଚେତନ ହୋଇ ନଥିବେ, ସେତେଦିନ ପର୍ଯ୍ୟନ୍ତ ଧର୍ମର ଦ୍ୱାହିଦେଇ ଉଭୟଦେଶ ମଧ୍ୟରେ ବିବାଦ ଲାଗି ରହିବ। କିଛି ଦେଶ ଓ ବ୍ୟକ୍ତି ଏହାର ସୁଯୋଗରେ ସାଧାରଣ ଲୋକଙ୍କ ଧନଜୀବନ ନଷ୍ଟ କରିଚାଲିଥିବେ, କେତେବେଳେ ଚାଇନା ତ କେତେବେଳେ ଆମେରିକା ସ୍ୱାର୍ଥ ପାଇଁ ମଧ୍ୟସ୍ଥି ହେବାକୁ ଆଗେଇ ଆସିବେ, ଠିକ୍ ଯେପରି ବିଲେଇ କଳିରେ ମାଙ୍କଡ଼ ମଧ୍ୟସ୍ଥି। ଏ ଘଡ଼ିସନ୍ଧି ମୁହୂର୍ତ୍ତରେ ବିଶ୍ୱକୁ ଜଣେ ଶାନ୍ତି ନିର୍ମାତାଙ୍କ ନିତାନ୍ତ ଆବଶ୍ୟକତା ଅଛି, ଜଣେ ଲୋକପ୍ରିୟ, କ୍ଷମତା-ଲୋଭୀ ସୁଯୋଗବାଦୀ, ବିସ୍ତାରବାଦୀ, ପରସ ଅପହରଣକାରୀ ନୁହେଁ ବରଂ ଜଣେ କାର୍ଟରଙ୍କ ନୈତିକ କର୍ତ୍ତୃତ୍ୱ ଏବଂ ଜଣେ କିସିଞ୍ଜରଙ୍କ ପରି ବୁଦ୍ଧିମାନ୍ ? ରାଷ୍ଟ୍ରନୀତିଜ୍ଞଙ୍କ ଆବଶ୍ୟକତା ଅଛି। ଯେ ପର୍ଯ୍ୟନ୍ତ ଏପରି ବ୍ୟକ୍ତିତ୍ୱ ଆସିବେ ନାହିଁ, ସେପର୍ଯ୍ୟନ୍ତ ବିଶ୍ୱରେ ରକ୍ତର ହୋଲି ଚାଲିଥିବ, ଲକ୍ଷ ଲକ୍ଷ ଲୋକଙ୍କୁ ବିସ୍ଥାପିତ କରିବ ଏବଂ ବିନାଶରେ ଅଙ୍କୁରୋଦ୍‌ଗମ ହୋଇ ବଢ଼ି ଚାଲୁଥିବା ଏକ ଅସ୍ତ୍ରଶିଳ୍ପକୁ ପ୍ରୋତ୍ସାହନ ଯୋଗାଇବ। ଅନେକ ଦେଶକୁ ଚିରଶୃଙ୍ଖଳ ମଧ୍ୟରେ ରଖି କିଛି ନୀଚ ରାଷ୍ଟ୍ରଙ୍କର ନୀଚ ବ୍ୟକ୍ତି ବିଶ୍ୱବ୍ୟାପୀ ରକ୍ତନଦୀ ବୁହାଇ ଖୁସିରେ ଅୟସ କରିଚାଲିବେ, ଠିକ୍ ଯେପରି ଖଳପ୍ରକୃତିର ବ୍ୟକ୍ତି କରନ୍ତି। ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ଭାରତ ଭଳି ଶାନ୍ତିକାମୀ ମାନବ ସମ୍ବଳ ରାଷ୍ଟ୍ରରୁ ପୁଣି ଥରେ ବିଶ୍ୱରେ ଶାନ୍ତିର ପ୍ରତିଷ୍ଠା ପାଇଁ ପ୍ରୟାସ ଆରମ୍ଭ ହେବାର ପ୍ରକୃଷ୍ଟ ସମୟ ଆସିଯାଇଛି, ଅନ୍ୟଥା ନିଃସନ୍ଦେହରେ ବିଶ୍ୱଶାନ୍ତିର ସୂଚନା ବହୁ ଦୂରରେ ଏବଂ ମାନବ ସଭ୍ୟତାର ଅନ୍ତ ସନ୍ନିକଟ।

## ଭାରତ-ୟୁକେ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ

# ବାର୍ଷିକ ୩୪ ବିଲିଅନ୍ ଡଲାର୍‌ର ବ୍ୟବସାୟ ବୃଦ୍ଧି ଆଶା



ଲଣ୍ଡନ: ଭାରତ ଏବଂ ୟୁକେ ମଧ୍ୟରେ ଗୁରୁବାର ଏକ ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ସ୍ୱାକ୍ଷରିତ ହୋଇଛି, ଯାହା ଦ୍ୱିପାକ୍ଷିକ ବାଣିଜ୍ୟ ବାର୍ଷିକ ୩୪ ବିଲିୟନ ଡଲାର୍ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ୨୦୨୦ରେ ବ୍ରିଟେନ୍ ଇଉରୋପୀୟ ସଂଘ ଛାଡ଼ିବା ପରେ ଏହା ୟୁକେ ପାଇଁ ସବୁଠାରୁ ବଡ଼ ବାଣିଜ୍ୟ ଚୁକ୍ତି ଭାବେ ବିବେଚନା କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୟୁକେ ଗସ୍ତ ପରିପ୍ରେକ୍ଷୀରେ ଦୁଇ ଦେଶ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ପ୍ରଧାନମନ୍ତ୍ରୀ ମୋଦୀ ଏହି ଚୁକ୍ତିକୁ ଭାରତୀୟ ଚାଷୀଙ୍କ ପାଇଁ ଏକ ନୂଆ ବଜାର ଉନ୍ମୁକ୍ତ କରିବାର ଦ୍ୱାର ଖୋଲିଥିବା କହିଛନ୍ତି। ଏହି ଚୁକ୍ତି ପ୍ରଧାନମନ୍ତ୍ରୀ ମୋଦୀ ଏବଂ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର୍‌ଙ୍କ ଉପସ୍ଥିତିରେ ଭାରତର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ବ୍ରିଟେନ୍‌ର ବ୍ୟବସାୟ ଓ ବାଣିଜ୍ୟ ସଚିବ ଜୋନାଥନ୍ ରେନଲ୍ଡସ୍‌ଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଛି। ଚୁକ୍ତି ପୂର୍ବରୁ ମୋଦୀ ଏବଂ ଷ୍ଟାର୍ମର୍‌ଙ୍କ ମଧ୍ୟରେ ଲଣ୍ଡନରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା।

ଚୁକ୍ତି ସ୍ୱାକ୍ଷର ପରେ ମୋଦୀଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଷ୍ଟାର୍ମର୍ କହିଛନ୍ତି, ଏହି ଏଫ୍‌ଟିଏ ଉଭୟ ଭାରତ ଓ ବ୍ରିଟେନ୍ ପାଇଁ ବିପୁଳ ଲାଭ ଆଣିବ। ଏହା ମଜୁରୀ ବୃଦ୍ଧି, ଜୀବନଧାରଣର ମାନ ଉନ୍ନତ କରିବ ଏବଂ ଶ୍ରମିକଙ୍କ ପାଇଁ ଅଧିକ ଆୟ ସୁନିଶ୍ଚିତ କରିବ। ଏହା ନିଯୁକ୍ତି ଓ ବ୍ୟବସାୟ ପାଇଁ ଲାଭଦାୟକ, କାରଣ ଏହା ଶୁଳ୍କ ହ୍ରାସକରି ବାଣିଜ୍ୟକୁ ସହଜ, ଶସ୍ତା ଓ ତୁରନ୍ତ କରିବ। ଷ୍ଟାର୍ମର୍ ଏହାକୁ 'ଐତିହାସିକ ଚୁକ୍ତି' ବୋଲି ଅଭିହିତ କରିଛନ୍ତି। ଷ୍ଟାର୍ମର୍‌ଙ୍କ କହିବାନୁସାରେ 'ଭାରତ ସହିତ ଏହି ଚୁକ୍ତି ବ୍ରିଟେନ୍‌ର ନିଯୁକ୍ତି, ନିବେଶ ଓ ଅର୍ଥନୈତିକ ଅଭିବୃଦ୍ଧି ଆଣିବ। ଏହା ହଜାର ହଜାର ବ୍ରିଟିଶ ନିଯୁକ୍ତି ସୃଷ୍ଟି କରିବ ଏବଂ ବ୍ୟବସାୟ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ।' ଶୁଳ୍କ ହ୍ରାସ ବ୍ୟତୀତ, ଚୁକ୍ତିରେ ଏକ ସାମାଜିକ ସୁରକ୍ଷା ଚୁକ୍ତି ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ଏହା ଭାରତୀୟ କମ୍ପାନୀମାନଙ୍କୁ ବ୍ରିଟେନ୍‌କୁ କର୍ମଚାରୀ ପଠାଇବାରେ ଦୁଇଥର ସାମାଜିକ ସୁରକ୍ଷା ଅବଦାନ ଦେବାରୁ ମୁକ୍ତି ଦେବ, ଯାହା ବ୍ୟବସାୟର ଏଲ୍‌ଇପି ହ୍ରାସ କରିବ। ବ୍ରିଟେନ୍ ଭାରତର ଷଷ୍ଠ ବୃହତ୍ତମ ନିବେଶକ, ଯାହାର ମୋଟ ନିବେଶ ପ୍ରାୟ ୩୬ ବିଲିୟନ ଡଲାର୍। ପ୍ରାୟ ୧,୦୦୦ ଭାରତୀୟ କମ୍ପାନୀ ବ୍ରିଟେନ୍‌ରେ କାର୍ଯ୍ୟ କରୁଛନ୍ତି, ଯେଉଁମାନେ ୧,୦୦,୦୦୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି ଏବଂ ପ୍ରାୟ ୨ ବିଲିୟନ୍ ଡଲାର୍ ନିବେଶ କରିଛନ୍ତି। ୨୦୨୪-୨୫ରେ ଭାରତର ବ୍ରିଟେନ୍‌କୁ ରପ୍ତାନୀ ୧୨.୬ ପ୍ରତିଶତ ବୃଦ୍ଧି ପାଇ ୧୪.୫ ବିଲିୟନ୍ ଡଲାର୍ ହୋଇଥିବା ବେଳେ ଆମଦାନୀ ୨.୩ ପ୍ରତିଶତ ବୃଦ୍ଧି ପାଇ ୮.୬ ବିଲିୟନ୍ ଡଲାର୍ ହୋଇଛି। ୨୦୨୩-୨୪ରେ ଦ୍ୱିପାକ୍ଷିକ ବାଣିଜ୍ୟ ୨୦.୩୬ ବିଲିୟନ୍ ଡଲାର୍‌ରୁ ବୃଦ୍ଧି ପାଇ ୨୧.୩୪ ବିଲିୟନ୍ ଡଲାର୍ ହୋଇଛି। ମୋଟାମୋଟି ଏହି ଚୁକ୍ତି ଭାରତ ଓ ବ୍ରିଟେନ୍ ମଧ୍ୟରେ ଅର୍ଥନୈତିକ ସମ୍ପର୍କକୁ ନୂଆ ଉଚ୍ଚତାରେ ପହଞ୍ଚାଇବ ବୋଲି ଆଶା କରାଯାଉଛି। ଉଭୟ ଦେଶ ୨୦୩୦ ସୁଦ୍ଧା ବାଣିଜ୍ୟ ମୂଲ୍ୟକୁ ୧୨୦ ବିଲିୟନ୍ ଡଲାର୍‌କୁ ଦ୍ୱିଗୁଣିତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ବିସ୍ତୃତ ଅର୍ଥନୈତିକ ଏବଂ ବାଣିଜ୍ୟ ଚୁକ୍ତି ନାମକ ଏହି ଚୁକ୍ତିରୁ ଭାରତୀୟ ଚାଷୀ ସର୍ବାଧିକ ଲାଭ ପାଇବାର ଆଶା କରାଯାଉଛି। ଆନ୍ଧ୍ରପ୍ରଦେଶ, ଓଡ଼ିଶା, କେରଳ ଏବଂ ତାମିଲନାଡୁ ଭଳି ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକର ଚାଷୀମାନେ ଉପକୃତ ହେବେ। ଚିଙ୍ଗୁଡ଼ି, ଟୁନା, ମାଛଖରା ଏବଂ ଖାଦ୍ୟ ଭଳି ରପ୍ତାନି, ଯାହା ବର୍ତ୍ତମାନ ୟୁକେରେ ୪.୨ ପ୍ରତିଶତରୁ ୮.୫ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଆକର୍ଷିତ କରେ, ବର୍ତ୍ତମାନ ବ୍ରିଟିଶ ବଜାରକୁ ଶୁଳ୍କ ମୁକ୍ତ ପ୍ରବେଶ କରିପାରିବ। ଚମଡ଼ା, ପାଦୁକା ଏବଂ ପୋଷାକ ଭଳି ଶ୍ରମ-ସଘନଶୀଳ ଉତ୍ପାଦଗୁଡ଼ିକୁ ରପ୍ତାନି କରିବା ଏବେ ସହଜ ହେବ, ଏବଂ ୟୁକେରୁ ଆମଦାନୀ ହେଉଥିବା ହ୍ୱିସ୍କି ଏବଂ କାର୍‌ର ମୂଲ୍ୟ ହ୍ରାସ ପାଇବ। ଚିକିତ୍ସା ଉପକରଣ ଭଳି ଅନ୍ୟାନ୍ୟ ଆମଦାନୀ ସାମଗ୍ରୀ ମଧ୍ୟ ଏବେ ଭାରତରେ ଶସ୍ତା ହେବ।

## ଯୁଦ୍ଧର ଦ୍ୱାରଦେଶରେ ଥାଇଲାଣ୍ଡ-କମ୍ବୋଡ଼ିଆ

ବ୍ୟାଙ୍କକ୍: ଥାଇଲାଣ୍ଡ ଏବଂ କମ୍ବୋଡ଼ିଆ ମଧ୍ୟରେ ସୀମା ବିବାଦକୁ ନେଇ ବର୍ଷ ବର୍ଷ ଧରି ଜାରି ରହିଥିବା ଉତ୍ତେଜନା ଏବେ ହିଂସାତ୍ମକ ରୂପ ଧାରଣ କରିଛି। କମ୍ବୋଡ଼ିଆ ପକ୍ଷରୁ ହୋଇଥିବା ଆକ୍ରମଣରେ ଥାଇଲାଣ୍ଡର ପ୍ରାୟ ୧୧ଜଣ ନୀରିହ ଜନସାଧାରଣ (୩ ପିଲା ଓ ୨ ମହିଳାଙ୍କ ସମେତ)ଙ୍କ ମୃତ୍ୟୁ ହୋଇଥିବା ଥାଇଲାଣ୍ଡ ସରକାର ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ କମ୍ବୋଡ଼ିଆ ପାଲଟା ଅଭିଯୋଗ କରିଛି, ସୀମାରେ ନିୟୋଜିତ ଥିବା ଏହାର ସୈନିକମାନଙ୍କୁ ଥାଇଲାଣ୍ଡ ସେନା ଟାର୍ଗେଟ୍ କରୁଛନ୍ତି। ତେବେ ପରିସ୍ଥିତି ଏବେ ଏପରି ହୋଇଛି ସୀମାରେଖାରେ ଥାଇଲାଣ୍ଡ ଏବେ ସୀମାରେଖାକୁ ବନ୍ଦ କରିବା ସହ ସୀମାରେ ଏଫ୍-୧୬ ଲଢୁଆ ବିମାନ ମୁତୟନ କରିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି କମ୍ବୋଡ଼ିଆ ମଧ୍ୟ ତୁରନ୍ତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ବୈଠକ ଡାକିଛି। ଥାଇଲାଣ୍ଡ ଅଭିଯୋଗ କରିଛି ଯେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଏହାର ୫ ସୈନ୍ୟ ମୃତ୍ୟୁବରଣ କରିବା ପରେ ଏହା କମ୍ବୋଡ଼ିଆ ଉପରେ ଆକ୍ରମଣ କରିଥିଲା। ପାଲଟା ଜବାବରେ କମ୍ବୋଡ଼ିଆ ମଧ୍ୟ ଥାଇଲାଣ୍ଡ ଉପରେ ମିସାଇଲ୍ ଆକ୍ରମଣ କରିଥିଲା ଯେଉଁଥିରେ ୧୧ ଲୋକ ପ୍ରାଣ ହରାଇଛନ୍ତି। ଥାଇଲାଣ୍ଡ ଏବଂ କମ୍ବୋଡ଼ିଆ ମଧ୍ୟରେ ଥିବା ବିବାଦୀୟ ସୀମାରେ ଦ୍ୱିପାକ୍ଷିକ ସଂଘର୍ଷ, ଲ୍ୟାଣ୍ଡମାଇନ୍ ବିସ୍ଫୋରଣ, ତୋପ, ଗୁଳି ଏବଂ ବିମାନ ଆକ୍ରମଣ ସମେତ ଅନେକ ସଶସ୍ତ୍ର ଘଟଣା ଦେଖିବାକୁ ମିଳିଛି। ଥାଇଲାଣ୍ଡ କମ୍ବୋଡ଼ିଆର ରାଷ୍ଟ୍ରଦୂତଙ୍କୁ ବହିଷ୍କାର କରିବା ସହ ସମସ୍ତ ଉତ୍ତର-ପୂର୍ବ ସୀମା କ୍ରସିଂ ବନ୍ଦ କରିଥିଲା। ପରୋକ୍ଷରେ କମ୍ବୋଡ଼ିଆ ମଧ୍ୟ ଥାଇଲାଣ୍ଡର ରାଷ୍ଟ୍ରଦୂତଙ୍କୁ ବହିଷ୍କାର କରିବା ସହ ସୀମାରେଖା ବନ୍ଦ କରିଥିଲା।

# ଡ୍ରୋନ୍‌ରୁ କ୍ଷେପଣାସ୍ତ୍ର ମାଡ଼ର ସଫଳ ପରୀକ୍ଷଣ

ନୂଆଦିଲ୍ଲୀ: ଭାରତର ସାମରିକ କ୍ଷମତା ଦିନକୁ ଦିନ ଅଧିକରୁ ଅଧିକ ମଜବୁତ୍ ତଥା ସଶକ୍ତ ହେବାରେ ଲାଗିଛି। ଭାରତ ଆଉ ଏକ ବଡ଼ ଉପଲବ୍ଧି ହାସଲ କରିଛି। ରିପୋର୍ଟ ଅନୁସାରେ ଭାରତୀୟ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆର୍‌ଡିଓ) ପକ୍ଷରୁ ପ୍ରସ୍ତୁତ ଏକ ସ୍ୱତନ୍ତ୍ର କ୍ଷେପଣାସ୍ତ୍ରକୁ ଏକ ମାନବରହିତ ଡ୍ରୋନ୍‌ରୁ ସଫଳ ପରୀକ୍ଷଣ କରାଯାଇଛି। ଏହି କ୍ଷେପଣାସ୍ତ୍ରର ସ୍ୱତନ୍ତ୍ରତା ହେଉଛି ଏହା ଆକାଶରୁ ଆକାଶ, ଆକାଶରୁ ଭୂପୃଷ୍ଠକୁ ମାଡ଼ କରିବାରେ ସାମର୍ଥ୍ୟ ରଖିଛି। ଶୁକ୍ରବାର ଏହି ମିସାଇଲ୍‌କୁ ଡ୍ରୋନ୍ ଦ୍ୱାରା ସଫଳ ପରୀକ୍ଷଣ କରାଯାଇଥିବା ବେଳେ ଏହା ଟାର୍ଗେଟ୍‌କୁ ସଠିକ୍ ଲକ୍ଷ୍ୟଭେଦ କରିଥିବା ଡିଆର୍‌ଡିଓ ରିପୋର୍ଟ କରିଛି। ଡିଆର୍‌ଡିଓ, ଆନ୍ଧ୍ରପ୍ରଦେଶର କୁର୍ଣ୍ଣୁଲ୍‌ସ୍ଥିତ ନ୍ୟାସନାଲ୍ ଓପନ୍ ଏରିଆ ରେଞ୍ଜ୍ (ଏନ୍‌ଓଏଆର୍) ପରୀକ୍ଷଣ କେନ୍ଦ୍ରଠାରେ ଏକ ଡ୍ରୋନ୍ (ୟୁଏଭି) ଲଞ୍ଚିତ ପ୍ରିସିସନ୍-ଗାଇଡେଡ୍ ମିସାଇଲ୍ (ୟୁଏଲ୍‌ପିଜିଏମ୍)-ଭି୩ ସଫଳତାର ସହିତ ପରୀକ୍ଷଣ କରିଛି। ପ୍ରକାଶ ଯେ ପୂର୍ବରୁ (ୟୁଏଲ୍‌ପିଜିଏମ୍)-ଭି୨କୁ ଡିଆର୍‌ଡିଓର ଟର୍ମିନାଲ୍ ବାଲିଷ୍ଟିକ୍ ଗବେଷଣାଗାର ଦ୍ୱାରା ବିକଶିତ କରାଯାଇଥିଲା, ଯେଉଁଥିରେ ବହୁବିଧ ଯୁଦ୍ଧାସ୍ତ୍ର ବିନ୍ୟାସ ସୁବିଧା ଥିଲା। ୟୁଏଲ୍‌ପିଜିଏମ୍ ସିଷ୍ଟମଗୁଡ଼ିକୁ ହାଲୁକା, ସଠିକ୍ ଏବଂ ବିଭିନ୍ନ ଯାନରୁ ଆକାଶ ମାର୍ଗରୁ ଆକ୍ରମଣ କରିବା ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି। ଏହା ଯୁଦ୍ଧ ପରିବେଶରେ କୌଶଳଗତ ନମନୀୟତା ପ୍ରଦାନ କରିବା ସହ ଲଢୁଆ ବିମାନ ପ୍ରତିବଦଳରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିପାରିବ। ଅନ୍ୟପକ୍ଷେ ପରୀକ୍ଷଣ ସଫଳ ହେବା ପରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସୋସିଆଲ ମିଡିଆରେ ଡିଆର୍‌ଡିଓର ସମସ୍ତ ବୈଜ୍ଞାନିକ ତଥା କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଆଧୁନିକ ଉଦ୍ଭାବନ ଭାରତର କ୍ଷେପଣାସ୍ତ୍ର କ୍ଷମତାକୁ ବହୁଗୁଣିତ କରିଥିବା ସେ ବର୍ଣ୍ଣନା କରିଛନ୍ତି।

# ରାଷ୍ଟ୍ରପତି ଭବନ ୱେବସାଇଟ୍ ୨୨ଟି ଭାରତୀୟ ଭାଷାରେ ଉପଲବ୍ଧ




ନୂଆଦିଲ୍ଲୀ: ଭାରତର ରାଷ୍ଟ୍ରପତି ଭାବେ ଦ୍ରୌପଦୀ ମୁର୍ମୁ ଆଜି (୨୫ ଜୁଲାଇ, ୨୦୨୫) କାର୍ଯ୍ୟାଳୟରେ ତିନି ବର୍ଷ ପୂରଣ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଭବନରେ ଏକାଧିକ ପଦକ୍ଷେପର ଶୁଭାରମ୍ଭ କରାଯାଇଛି। ରାଷ୍ଟ୍ରପତି ଏସବୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ଅଂଶଗ୍ରହଣ କରିବା ଦେଖିବାକୁ ମିଳିଛି।

ଶୁଭାରମ୍ଭ ହୋଇଥିବା କାର୍ଯ୍ୟକ୍ରମ ମଧ୍ୟରେ ରାଷ୍ଟ୍ରପତି ଭବନକୁ ଦିବ୍ୟାଙ୍ଗଜନ-ଅନୁକୂଳ ପରିବେଶରେ ପରିଣତ କରାଯାଇଛି। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଦ୍ୱାରା ୫୦ ସୂତ୍ରୀ ସୁପାରିଶ କାର୍ଯ୍ୟକାରୀ କରିବା ପରେ ରାଷ୍ଟ୍ରପତି ଭବନ, ଅମୃତ ଉଦ୍ୟାନ ଏବଂ ରାଷ୍ଟ୍ରପତି ଭବନ ସଂଗ୍ରହାଳୟ ଦିବ୍ୟାଙ୍ଗଜନ-ଅନୁକୂଳ ପରିସରରେ ପରିଣତ ହୋଇଛି। ସେହିପରି ୨୨ଟି ଭାରତୀୟ ଭାଷାରେ ରାଷ୍ଟ୍ରପତି ଭବନ ପାଇଁ ୱେବସାଇଟ୍‌ର ଶୁଭାରମ୍ଭ କରାଯାଇଛି। ରାଷ୍ଟ୍ରପତି ଭବନର ସରକାରୀ ୱେବସାଇଟ୍ ଏବେ ୨୨ଟି ଭାରତୀୟ ଭାଷାରେ ଉପଲବ୍ଧ ହୋଇଛି। ଏତଦ୍‌ବ୍ୟତୀତ ରାଷ୍ଟ୍ରପତି ଭବନରେ ପରିଦର୍ଶକ ଏବଂ ନିବାସୀଙ୍କ ପାଇଁ ବିଭିନ୍ନ ସୁବିଧାର ଉଦ୍‌ଘାଟନ କରାଯାଇଛି। ୨୫୦ରୁ ଅଧିକ ସାମଗ୍ରୀ ନିଲାମ ପାଇଁ ଇ-ଉପହାର ସିଜିନ ୨ ଆରମ୍ଭ ଆରମ୍ଭ କରାଯାଇଛି। ନିଲାମରୁ ସମସ୍ତ ଆୟ ଶିଶୁ ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମଗୁଡିକୁ ଦାନ କରାଯିବ। ଇ-ପୁସ୍ତକର ଉନ୍ମୋଚନ ରାଷ୍ଟ୍ରପତି ଶାସନର ଗତ ଗୋଟିଏ ବର୍ଷର ପ୍ରସଙ୍ଗର ସଂଗ୍ରହାବଳୀକୁ ଇ-ପୁସ୍ତକ ମାଧ୍ୟମରେ ବ୍ୟବସ୍ଥିତ କରିବା ପୂର୍ବକ ଏହାର ଉନ୍ମୋଚନ କରାଯାଇଛି। ଏହି ସମସ୍ତ ପ୍ରୟାସର ଶୁଭାରମ୍ଭ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କର ସଂକ୍ଷିପ୍ତ ବକ୍ତବ୍ୟରେ କହିଛନ୍ତି ଗତ ତିନି ବର୍ଷ ମଧ୍ୟରେ ଅନେକ ନିଷ୍ପତ୍ତି ନିଆଯାଇଛି ଏବଂ କାର୍ଯ୍ୟ କରାଯାଇଛି ଯାହା ନାଗରିକମାନଙ୍କର ରାଷ୍ଟ୍ରପତି ଭବନ ସହିତ ଅଧିକ ସଂଯୋଗ ବୃଦ୍ଧି କରିଛି।

## ଉପ-ରାଷ୍ଟ୍ରପତି ନିର୍ବାଚନ ପାଇଁ ଭାରତୀୟ ନିର୍ବାଚନ କମିଶନ ତତ୍ପର

ନୂଆଦିଲ୍ଲୀ: ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଭାରତୀୟ ନିର୍ବାଚନ କମିଶନ ଏବେ ବେଶ ତତ୍ପର ହୋଇପଡ଼ିଛି। ରିପୋର୍ଟ ଅନୁସାରେ ନିର୍ବାଚନ କମିଶନ, ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟ ସହିତ ପରାମର୍ଶ କରି ଏବଂ ରାଜ୍ୟସଭା ଉପାଧ୍ୟକ୍ଷଙ୍କ ସମ୍ମତି ଆଧାରରେ, ରାଜ୍ୟସଭାର ମହାସଚିବଙ୍କୁ ଆଗାମୀ ଉପ-ରାଷ୍ଟ୍ରପତି ନିର୍ବାଚନ, ୨୦୨୫ ପାଇଁ ରିଟର୍ଣ୍ଣିଂ ଅଧିକାରୀ ଭାବରେ ନିଯୁକ୍ତ କରିଛି। ସେହିପରି ଏହି ନିର୍ବାଚନ ଲାଗି ରାଜ୍ୟସଭା ସଚିବାଳୟର ଗରିମା ଜୈନ(ଯୁଗ୍ମ ସଚିବ) ଏବଂ ବିଜୟ କୁମାର (ନିର୍ଦ୍ଦେଶକ)ଙ୍କୁ ସହାୟକ ରିଟର୍ଣ୍ଣିଂ ଅଧିକାରୀ ଭାବରେ ନିଯୁକ୍ତ କରିଛି ନିର୍ବାଚନ ଆୟୋଗ। ସେହିପରି ଆବଶ୍ୟକୀୟ ଗେଜେଟ୍ ବିଜ୍ଞପ୍ତି ପୃଥକ ଭାବରେ ଜାରି କରାଯାଉଛି। ଭାରତର ନିର୍ବାଚନ କମିଶନ ସମ୍ବିଧାନର ଧାରା ୩୨୪ ଅନୁଯାୟୀ ଭାରତର ଉପ-ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପାଇଁ ନିର୍ବାଚନ ପରିଚାଳନା କରିବାକୁ ଅଧିକୃତ। ଭାରତର ଉପ-ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପାଇଁ ନିର୍ବାଚନ ରାଷ୍ଟ୍ରପତି ଏବଂ ଉପ-ରାଷ୍ଟ୍ରପତି ନିର୍ବାଚନ ଆଇନ, ୧୯୫୨ ଏବଂ ତଦନୁଯାୟୀ ପ୍ରଣୀତ ନିୟମାବଳୀ, ଅର୍ଥାତ୍ ରାଷ୍ଟ୍ରପତି ଏବଂ ଉପ-ରାଷ୍ଟ୍ରପତି ନିର୍ବାଚନ ନିୟମ, ୧୯୭୪ ଦ୍ୱାରା ପରିଚାଳିତ ହୁଏ। ପ୍ରକାଶ ରାଷ୍ଟ୍ରପତି ଏବଂ ଉପ-ରାଷ୍ଟ୍ରପତି ନିର୍ବାଚନ ଆଇନ, ୧୯୫୨ ର ଧାରା ୩ ଅନୁଯାୟୀ, ନିର୍ବାଚନ କମିଶନ କେନ୍ଦ୍ର ସରକାରଙ୍କ ସହିତ ପରାମର୍ଶ କରି ଜଣେ ରିଟର୍ଣ୍ଣିଂ ଅଧିକାରୀଙ୍କୁ ନିଯୁକ୍ତ କରିବେ, ଯାହାଙ୍କ କାର୍ଯ୍ୟାଳୟ ନୂଆଦିଲ୍ଲୀରେ ରହିବ।

## ୨୫ ଆପ୍ଲିକେସନ୍‌କୁ ବ୍ୟାନ୍ କଲେ ସରକାର

ନୂଆଦିଲ୍ଲୀ: ଅଶ୍ଳୀଳ ବିଷୟବସ୍ତୁ ପ୍ରସାରଣ କରୁଥିବା ଅଭିଯୋଗକ୍ରମେ ଭାରତ ସରକାର ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ରିପୋର୍ଟ ଅନୁସାରେ ସରକାର ପ୍ରାୟ ୨୫ଟି ଆପ୍ଲିକେସନ୍‌କୁ ବ୍ୟାନ୍ କରିଛନ୍ତି। ଉଲ୍ଲୁ, ଅଲ୍ଟ, ଦେଶୀଫ୍ଲିକ୍ସ, ବିଗ୍ ସଟ୍ସ ଭଳି ୨୫ଟି ଷ୍ଟ୍ରିମିଂ ଆପ୍ ଉପରେ ସରକାର ପ୍ରତିବନ୍ଧକ ଲଗାଇଛନ୍ତି। ପୂର୍ବରୁ ଅଶ୍ଳୀଳ ବିଷୟବସ୍ତୁକୁ ବିରୋଧ କରିଆସୁଥିବା ସରକାର ଆଜି ନିଜର ନୀତିକୁ ଯଥାର୍ଥ କରି ଏହି ନିଷ୍ପତ୍ତି ନେଇଛନ୍ତି। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରାଳୟ ପାଖକୁ ଏନେଇ ଅଭିଯୋଗ ଆସିବା ପରେ ମନ୍ତ୍ରାଳୟ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା।

## ବରଷା କାଳ

ଚାରିଆଡେ ଦିଶେ ସବୁଜିମା ଦୃଶ୍ୟ
ଆସିଛି ବରଷା କାଳ,
ମଣ୍ଡିତା ଧରଣୀ ଚହଟ ଚିକ୍କଣ
ସବୁ ଶୋଭା ଆସି ଠୁଳ ।
ଫୁଲେଇ ବେଙ୍ଗଟି ଫୁଲି ଫୁଲି ଗାଏ
ମୂଷଳ ବରଷା ଦେଖି,
ଏତେଦିନ ପରେ କଣ୍ଠ ଖୋଲିଗଲା
ପାରୁନାହିଁ ଆଉ ରଖି ।
ଡେଙ୍ଗା ଗୋଡ ନେଇ ବଗ ଉଡି ଯାଏ
ଗହିର ହୁଡାରେ ବସେ,
କଜଳ ପାତିଟି ଖତେଇ ହେଉଛି
ଭଦ ଭଦଳିଆ ହସେ ।
ଫୁଟିଲାଣି କଇଁ ପୁଟିଲା ମାଳତୀ
ମରୁ ହେଲା ଗର୍ଭବତୀ,
ମରୀଚିକା ପରା ମରିସାରିଲାଣି
ମନରେ ଆସୁନି ଭୀତି ।
ଉଛୁଳିଲା ନଈ ଉଛୁଳା ଯୌବନ
ଅଟକି ହେଉନି ଜମା,
ମଧୁର ମିଳନ ହେବ ପରିପୂର୍ଣ୍ଣ
ହଟିଯିବ ସବୁ ଅମା ।
ରଜନୀ ଶେଷରେ ରମଣୀଙ୍କ ସ୍ନାନ
ଉଛୁଳା ନଈ ତୁଠରେ,
କେତେ ଭାବ ସେଠି ମନ କିଣି ନିଏ
ନୂଆ ବୋହୁ ହସିଦେଲେ ।
ନଈ ଧାରେ ଧାରେ ନାଉରିଆ ଯାଏ
ଧରି ତାର ମାଛ ଡଙ୍ଗା,
ଥୋବରା ମୁହଁରେ ଆକାଶ ଚାହିଁଛି,
ଦେଖି ଧରଣୀର ଶୋଭା ।
ବରଷା ଆସିଲା ଜୀବନ ମିଳିଲା
ମରିଥିବା ତରୁ ତୃଣ,
କଅଁଳ ରୂପରେ ମୁଣ୍ଡ ଟେକିଲେଣି
ଧରାକୁ କରି ମଣ୍ଡନ।

**ସୁଧୀର କୁମାର ଦାସ**
ତରାବୋ , ଖୋର୍ଦ୍ଧା

## ପରିଚୟ

ମୁଁ ସିଏ ଯିଏ ନିଜକୁ ଖୋଜେ
ପ୍ରକୃତିର ମହକ ଆଉ କୁହୁକରେ,
କେବେ ହଜାଏ
ପୁଣି ଖୋଜେ ସେ
ଈଶ୍ୱରଙ୍କ ମନଲୋଭା
ଇଲାକାରେ।
ମୁଁ ସିଏ ଯିଏ ନିଜକୁ ଖୋଜେ
କବିର ଭାବନା
ଆଉ କବିତାର
ପ୍ରତିଟି ପୃଷ୍ଠାରେ,
କିଛି ବୁଝା ଅବୁଝା
ଶବ୍ଦର ବୁଢ଼ିଆଣୀ
ଜାଲରେ।
ମୁଁ ସିଏ ଯିଏ ନିଜକୁ ଖୋଜେ
ପ୍ରେମ ବନ୍ଧୁତାର
ଆଲୋଚନା ପୁଣି
ସମାଲୋଚନାରେ,
କେତେ ପ୍ରଶଂସାର ଛିଟା
ପୁଣି ଶ୍ରୁତିକଟୁ
ସମାଲୋଚନାରେ।
ସିନ୍ଧୁ ନୁହେଁ
ମୁଁ ବିନ୍ଦୁଟିଏ,
ଆଭିଜାତ୍ୟର ପଗଡ଼ି
ନାହିଁ ମୋ ଶିରରେ।
ମୁଁ ସିଏ
ସାଧା ସିଧା ମଣିଷଟିଏ।

**ମନୀଷା ପଣ୍ଡା**
ଅଙ୍କରାନ୍ତିପୁର, ଢେଙ୍କାନାଳ



# ଭୂମିକମ୍ପ

**ରାଜୀବ ଜେନା**

ଆଶ୍ଚର୍ଯ୍ୟର କଥା ହେଲା ଯେ, ଏତେବଡ଼ ଭୂମିକମ୍ପ ପରେ ବି କିଛି ଘର ତଥାପି ବଞ୍ଚିଯାଇଥିଲା। ବଞ୍ଚିଯାଇଥିଲେ ବି କିଛି ମଣିଷ। ଯେଉଁମାନେ ବେଶୀ କିଛି ହରେଇ ମ୍ରିୟମାଣ ଦିଶୁଥିଲେ, ଘରର ଭଙ୍ଗା କାନ୍ଥକୁ ଆଉଜି କିଛି ଅତୀତକୁ ମନେପକେଇ ବିବ୍ରତ ହେଉଥିଲେ ଓ ଅଳ୍ପ କିଛି ଭବିଷ୍ୟତ ଆଶାରେ ଟିକେ ଟିକେ ଉଜ୍ଜ୍ୱଳ ଦିଶୁଥିଲେ। ଭୟାବହ ଭୂମିକମ୍ପ ଯେ, ଏତେ କମ୍ ସମୟ ଭିତରେ ସେମାନଙ୍କ ଏତେ ଏତେ ବର୍ଷର ସାଧନା, ଶିଳ୍ପ, ପ୍ରାଚୁର୍ଯ୍ୟ, ପ୍ରେମକୁ ଖିନ୍‌ଭିନ୍ କରିଦେବ, ଏଇ କଥାଟି ବଞ୍ଚିଯାଇଥିବା ମଣିଷମାନଙ୍କୁ ଭୟାର୍ତ୍ତ ଓ ବିମୂଢ଼ କରିଦେଇଥିଲା ।

ତା' ଭିତରେ ବସିଥିଲା ବୁଢ଼ାଟିଏ କାନ୍ଥକୁ ଆଉଜି। ହୁଏତ ତା' ଜୀବନରେ ଏମିତି ବିମର୍ଷ ଭାବ ନୂଆ ନ ଥିଲା। ଅନେକ ବିମର୍ଷତାକୁ ସେ ସାମ୍ନା କରିସାରିଥିଲା ତା'ର ଦୀର୍ଘ ଜୀବନକାଳ ଭିତରେ। ଅଥଚ ଏଇପରି ଏକ ଦୁର୍ଘଟଣାରେ ସେ ଅତିମାତ୍ରାରେ ହତୋତ୍ସାହ ହୋଇ ପଡ଼ିଥିଲା; ଏକଥା ଯେ କେହି ତାକୁ ଦେଖିଲାମାତ୍ରେଇ ଜାଣିଦେବ ବୁଢ଼ାର ଆମ ତୁମପରି ସଂସାର ନ ଥିଲା। ମାନେ ଛୁଆପିଲା, ସ୍ତ୍ରୀ, ବାଡ଼ିବଗିଚା, ମାଛଭର୍ତ୍ତି ପୋଖରୀ ଏସବୁ। କିନ୍ତୁ ଇଟା ସିମେଣ୍ଟର ଥିଲା ଘରଟିଏ । ଘର ଭିତରସାରା ଥିଲା ବୁଢ଼ାର ସ୍ମୃତି। ବୁଢ଼ାର ପୂର୍ବପୁରୁଷର ସ୍ମୃତି। ତାକୁଇ ବୁଢ଼ା କହୁଥିଲା ଘର। ଏଇ ଘରେ ସେ ରହିଆସୁଥିଲା ଅଶୀ ବର୍ଷ ଧରି। ସେଇ ଭଙ୍ଗା ଘର ବାରଣ୍ଡାରେ ବୁଢ଼ା ବସିଥିଲା ଓ ଭାବୁଥିଲା। ଯେହେତୁ ସେ ଥିଲା ସେ ବସ୍ତିର ବୟସ୍କ ମଣିଷ ଓ ମୁଖିଆ, ତା'ର ଏତାଦୃଶ ଭାଙ୍ଗିପଡ଼ିବାର ଦେଖି ଅନ୍ୟମାନେ କ୍ରମଶଃ ଭୟଭୀତ ହେବାରେ ଲାଗିଥିଲେ।

ବୁଢ଼ାଟି ନିଜେ କ'ଣ ହରେଇଥିଲା, ଜାଣି ନଥିଲା ବୋଧେ । ଆମ ଆଖିରେ ଦିଶୁଥିଲା– ବୁଢ଼ା ଘରର ପଶ୍ଚିମପାଖ ଭାଙ୍ଗିପଡ଼ିଥିଲା। ଦକ୍ଷିଣ ପାଖ ବି ଭୁଷୁଡ଼ି ପଡ଼ିଥିଲା। ତଥାପି ବାରଣ୍ଡାଟି ଥିଲା ଅକ୍ଷତ। ସବୁଦିନ ସେ ଯେଉଁଠି ବସି ବସି କାନ୍ଥ ତେଲଚିକିଟା କରିପକେଇଥିଲା, ସେଇଠି ଆଜି ବି ସେ ବସିଥିଲା। କେଜାଣି କାଇଁକି ଆଜି ଭାରି ଉଦାସ ଥିଲା ବୁଢ଼ା। ପିଛିଲା ଦିନ, ପିଛିଲା ସ୍ମୃତି ମନେପକାଉଥିଲା ବୋଧହୁଏ। କିଛି ପରିମାଣରେ ଡରିଯାଇଥିଲା ବି। କାରଣ, ବୁଢ଼ା ହାତରେ ବିଡ଼ି ଦିଆସିଲି ଥିଲେ ବି ବିଡିଟେ ଟାଣିବାକୁ ଯେତିକି ସାହସ ଦରକାର, ସେତିକି ନଥିଲା ତା'ର; ଅଥଚ ଟୋକାବେଳେ ସତ୍ୟାଗ୍ରହ, ଆଇନ୍ ଅମାନ୍ୟ ଆନ୍ଦୋଳନରେ ଚାରିଚାରିଟା ଗୋରା ପୁଲିସଙ୍କୁ ପିଟିପିଟି ମାରି ପକେଇଥିଲା। 'ହା...ଛାଡ଼।' ଭାବୁଥିଲା ଏମିତି। ମନେପକଉଥିଲା ତା' ଘରର ଅତୀତକୁ।

ଘରଟି ଥିଲା ଝାଟିମାଟିର। ଝାଟିମାଟିର ବି ଗୋଟେ ଚମତ୍କାର ବାସ୍ନା ଥାଏ ନା କି? ଥାଏ । ସେ ଘରର ବି ଏମିତି ଗୋଟେ ମୋହମୟ ବାସ୍ନା ଥିଲା। କାନ୍ଥରେ ଥିଲା ଜାତିଜାତିକା ଚିତା। ଜାତିଜାତିକା ଝୋଟି। ଅଗଣାରେ ଥିଲା ତୁଳସୀ ଚଉରା। ଥିଲା ମଧୁମାଳତୀ, ତମାଳ ଲତା। ଥିଲା ଜାତି ଜାତିକା ଫୁଲ ଗଛ ବାଡ଼ିରେ। ଥିଲା ଗୋଟେ ସଜନାଗଛ। କୋଶଳା ପଟାଳିଟିଏ ବି। ଥିଲା ଗୋଟେ ବୁଢ଼ୀ, ଯିଏ ମୁହଁମାଡ଼ି ସବୁବେଳେ ବସିଥାଏ ବାଡ଼ି ପଟାଳିରେ। କ'ଣ କରୁଥାଏ ଚବିଶ ଘଣ୍ଟା? କିଛି ନା କିଛି କରୁଥାଏ ସବୁବେଳେ। ବେଳ ସରିଯାଏ; ବୁଢ଼ୀର କାମ ସରେ ନାହିଁ। ଗାଡୁରୁ ମାଡୁରୁ ହେଉଥାଏ। ଘର ଭିତରେ ବି ସେମିତି ସେ ବୁଢ଼ୀଟି। ହେଲେ ବଡ଼ ମୁଗ୍ଧ ମୁଗ୍ଧ ଲାଗେ ବୁଢ଼ୀଟିକୁ ଦେଖିଦେଲେ। ପାକୁଆ ପାଟିରେ ଥାଏ ପାଟିଏ ହସ। କେମିତି ଲଗ୍ନରେ ସେ ଜନ୍ମିଥାଏ ଯେ, ଦୁଃଖ ଯେମିତି ତା' ଜାତକରେ ନ ଥାଏ। ବେଳେବେଳେ ତାକୁ କୋଳକୁ ତାକୁ ଟାଣିନିଏ, କହେ– ବାବୁରେ! ଯେତେ ଦିନଯାଏ ଏ ମହୀରେ ଥିବୁ, ହସୁଥିବୁ। ମନଦୁଃଖ କରିବୁନି କି କାହା ମନରେ ଦୁଃଖ ଦବୁନି ବାପା...।

ମନେପକାଏ ବୁଢ଼ା। ସେ ଥିଲା ତା' ମା'। ଆହା! କେତେ ଚମତ୍କାର ଲାଗେ ତାକୁ ଏଇ ନାଁଟି! ଥିଲା କେତେ ଦିନଯାଏ ସେ ଏ ମହୀରେ? ଆଉ ମନେପଡୁନି ମା'ନାମକ ସେଇ ବୁଢ଼ୀଟିର ମୁହଁ। ତା' ହସ... ତା' ପାକୁଆ ପାଟିର ସେଇ ବରାଭୟ ଆଶୀର୍ବାଣୀ କୁଆଡ଼େ ହଜିଗଲାଣି। ଏଇ ଘରଟିରେ ସେ ଥିଲା କେତେ କାଳ। କେତେ ଯୁଗ କେଜାଣି। ଦିନେ କିନ୍ତୁ ସେ ଚାଲିଗଲା। ଗଲାବେଳେ ପେଜୁଆ ଆଖିରେ ଏ ଘର ସାରା ଆଖି ପହଁରେଇ ନେଲା। ଭାରି ମାୟା ମାୟା ଆଖିରେ ବଉଳଗଛକୁ, ବାରି ସଜନାଗଛ, କୋଶଳା ପଟାଳି ଆଡ଼କୁ ଚାହିଁଲା । କେମିତି କେଜାଣି କିଛି ସମୟ ପରେ ଭାରି କରୁଣ ହୋଇଗଲା ତା' ମୁହଁ। ସେଦିନ ସେ ବି କାନ୍ଦିଥିଲା ଖୁବ୍। ହେଲେ ଏବେ ମନେପଡ଼ିଲା ବୁଢ଼ା ନିଜକୁ କୃତଘ୍ନ ମନେକରେ ଏଇଥିପାଇଁ ଯେ; ସେ ମା' ପାଇଁ ଯେତିକି କାନ୍ଦିଛି, ସେତିକି ସତରେ କ'ଣ ଯଥେଷ୍ଟ ଥିଲା ସେ ଆତ୍ମାଟି ପାଇଁ?

ଏଇ "ଆତ୍ମା" ଶବ୍ଦଟି ବୁଢ଼ା ଏବେ ଆମଦାନୀ କରିଛି; ହେଲେ ସେବେଳେ ଏ ସବୁର ଅର୍ଥ ସେ କିଛି ହିଁ ବୁଝି ନଥଲା। ବୁଝିଥିଲେ ହୁଏତ ସେ ଏତେ ଦୁଃଖ ପାଇ ନ ଥା'ନ୍ତା। ହୁଏତ ଏଇ କଥାଟି ବୁଝି ଥିଲା ସେ ବୁଢ଼ୀର ଗେରସ୍ତ। ମୁଣ୍ଡରେ କଟ ଓ ମୁହଁସାରା ଲମ୍ବା ପାଚିଲା ଦାଢ଼ୀରେ ଭର୍ତ୍ତି। କ'ଣ ସବୁ ବାୟାଙ୍କ ପରି ଏଣୁତେଣୁ ଗପୁଥିଲା ସେତେବେଳେ। ବୁଢ଼ା ସଙ୍ଗେ ତା'ର କେବେ ବି ପଟୁ ନଥିଲା। ବୁଢ଼ୀ ଅନେକବେଳେ ତାକୁ ଦେଖି ଗପୁଥିଲା– ଅଳପେଇସା ଭଣ୍ଡ ବଇଷମ ବୋଲଉଛି। ବୋପା ହେଇଚି ଚୋପା। ହଇରେ ବାଡ଼ିପଶା! ପିଲାକବିଲାଙ୍କୁ କ'ଣ ତୋ'ପରି ବଇଷମ ବନେଇବୁ ନା କ'ଣ?

ଗେରସ୍ତଟି ଶୁଣେ । ଶୁଣି କି ନ ଶୁଣିଲାପରି ବସିଥାଏ। ଏଣୁତେଣୁ ଗପେ। ଶୂନ୍ୟ ଦୃଷ୍ଟିରେ ଗୃହେଁ। ହସେ। ବେଳେବେଳେ ଭାରି କାନ୍ଦୁରା ସ୍ୱରରେ କହେ– କିଏ କାହାର ବାପା, କିଏ କାହାର ମା'... କିଏ କାହାର ପୁଅ। ସବୁ ଖେଳ। ସବୁ କଥାକୁ ଖେଳ ଭାବୁଥିବା ଦାର୍ଶନିକ ଗେରସ୍ତଟି ବି କୁଆଡ଼େ ଗୁଲିଗଲା। ସେ ଥିଲା ତା'ର ଦାୟିତ୍ୱହୀନ ବାପା। ବର୍ଷ ପରେ ବର୍ଷ ବିତିଗଲା। ସେ ବି ଫେରିଲାନି ଆଉ। ଥରେ ଥରେ ବି ଚାହିଁଲାନି ବଉଳ ମାଳତୀ ବାସ୍ନାଘେରା ଘରକୁ, ଯାହାକୁ ବୁଢ଼ୀଟିଏ ବର୍ଷ ବର୍ଷର ତପସ୍ୟାର ଫଳ ପରି ସଞ୍ଚିଥିଲା । ତାକୁ ପଛ କରିଦେଇଗଲା ଯେ ଗଲା। ଥରେ ବି ସେ ନିଜେ ବୁଝିଲାନି କି କାହାକୁ ବୁଝେଇଲାନି ଯେ, ଘରଟିଏ ପ୍ରକୃତରେ କ'ଣ? ଘରେ ରହୁଥିବା ଲୋକମାନଙ୍କୁ କ'ଣ କୁହାଯିବ।

ସବୁକିଛି ଠିକ୍‌ଠାକୁ ବୁଝିବା ପୂର୍ବରୁ ବୁଝେଇବାକୁ ଥିବା ଲୋକ ଦି'ଜଣ ଗୁଲିଗଲେ। ସେ କିଛି ବୁଝିବା ଆଗରୁ ଅନ୍ୟମାନେ ତାକୁ କେତେ କ'ଣ ବୁଝେଇଦେଲେ। ଦେଶ, ଜାତି, ସ୍ୱାଭିମାନ, ଜାତୀୟତା, ସଂଗ୍ରାମ ଏମିତି ସବୁ ପୁଳେ ଶବ୍ଦ ତାକୁ ମୋହଗ୍ରସ୍ତ କରି ପକେଇଲେ।

ଦିନେ ଦେଖାଗଲା, ସେ ସ୍କୁଲକୁ ପଢ଼ା ଛାଡ଼ିଦେଇ ପିକେଟିଂ କରିବାକୁ ଗଲା କୋଉ ମଦ ଦୋକାନ ସାମ୍ନାରେ।

ଦିନେ ଦେଖାଗଲା, ଦି'ଟା ଗୋରା ଫଉଜଙ୍କ ତଣ୍ଟିଚିପି ମାରି ସେ ପଶ୍ଚିମ ଓଡ଼ିଶାର କୋଉ କନ୍ଧମାଳରେ...

ଦିନେ ଦେଖାଗଲା, ଇଂଚୁଡ଼ି ଲବଣ ଆନ୍ଦୋଳନରେ ସେ ଗିରଫ ହୋଇ ବସିଛି ପୁଲିସ ଗାଡ଼ିରେ ଓ ସ୍ଲୋଗାନ୍ ଦେଉଛି ଇନ୍‌କିଲାବ୍...।

ଜିଦ୍ ଥିଲା– ଦେଶ ସ୍ୱାଧୀନ ହେଲେ ସେ ବିବାହ କରିବ। ଦେଶ ସ୍ୱାଧୀନ ହେଲା। ସେ ବିବାହ କଲା। ମଧୁଶଯ୍ୟା ରାତିରେ ସେ ପଚାରିଲା ବଧୂଟିକୁ–

-ତୁମେ ନଟେଲରେ ସୂତାକାଟି ଜାଣିଛ?

ବୋହୂଟି ମୁଣ୍ଡ ହଲେଇ ମନାକଲା ବୋଧେ।

-ମହାତ୍ମାଙ୍କୁ, ସୁଭାଷଙ୍କୁ, ପଟେଲଙ୍କୁ ଜାଣିବ?

ଏଥରକ ବି ବୋହୂଟି ମନାକଲା।

-ଜାତୀୟ କବି ବୀରକିଶୋରଙ୍କ ଦେଶାତ୍ମବୋଧକ ଗୀତ କିଛି ଶିଖିବ?

ବୋହୂଟି ବାହୁନିବାକୁ ଆରମ୍ଭକଲା ।

ସେ ଏଥିରେ ବିବ୍ରତ ହେବାର କଥା। ହେଲା ମଧ ଏବଂ ଅନୁଭବ କଲା ଯେ, ସେ ଜାଣି ଜାଣି ଦେଶ ସମ୍ପର୍କରେ କିଛି ଜାଣି ନଥିବା ଗୋଟେ ମୂର୍ଖ ସହ ସାଲିସ କରିବା ଅର୍ଥ ଦେଶଦ୍ରୋହ କରିବା। ଅନୁଭବ କରିବାମାତ୍ରେ ତା'ର ସଂଗ୍ରାମୀ ରକ୍ତ ତାତିଉଠିଲା। ସେ ଝଡ଼ ବେଗରେ ବାହାରିଗଲା ଘରୁ। ବାହାରିଗଲା ଯେ ଆଉ ଥରେ ବି ପଛକୁ ଫେରି ଚାହିଲା ନାହିଁ । ତା'ପରେ ସେ ଗୁଲିଲା ସାବରମତୀ। ସେଠୁ ହୃଷୀକେଶ। ସେଠୁ ଦିଲ୍ଲୀ... ବମ୍ବେ। ଏମିତି ବିତିଗଲା ମାସ ମାସ... ବର୍ଷ ବର୍ଷ । ଦିନେ କିନ୍ତୁ ସେ ଫେରିଲା ଘରକୁ। କିଏ ଜଣେ ତାକୁ ଛିଗୁଲେଇଲା– କେତେଦିନ ଆଉ ଜୁଆନ ଟୋକୀଟା ଅନିଷା କରିଥାନ୍ତା । ଦୋଭେଇ ବାହାହୋଇ ବଞ୍ଚିଗଲା ବିଶ୍ୱରୀ।

ସେ ବି ଆଶ୍ୱସ୍ତ ହେଲା। ଘର ସଫାକଲା ନିଜେ। କାନ୍ଥରେ ନିଜେ ଆଙ୍କିଲା ଝୋଟି। କଦଳୀପୁଆ କେତୋଟି ପୋତିଲା ବାଡ଼ିରେ। ସଜନା ଗଛର ମଲା ଡାଳ ଭାଙ୍ଗି ପକେଇଲା। କୋଶଳା ପଟାଳିଟିଏ କଲା । ବଗିଚା ଭିତରେ ସେ ଦିନସାରା କିଛି ନା କିଛି ସେ କରୁଥାଏ। କାମ ଥାଏ ହାତରେ କିନ୍ତୁ ସମୟ ଥାଏନା । ମନେପଡ଼େ ବୁଢ଼ୀ ମା'। ଏଇ କେତେଫୁଟ ବଗିଗୁଟିକୁ ସେ ଯେ କାହିଁକି ଏତେବର୍ଷ ଧରି ଭଲ ପାଉଥିଲା, ଏବେ ସେ ବୁଝିପାରେ।

ବର୍ଷ ଗଡ଼ିଗଲା। ବୟସ ବି ଗଡ଼ିଗଲା।

ସେ ବୁଢ଼ା ହୋଇଗଲା ଆସ୍ତେ ଆସ୍ତେ।

କେହି କେହି ତାକୁ ବାବାଜୀ, ବୈଷ୍ଣବ, ସନ୍ନ୍ୟାସୀ ବୋଲି ଡାକିବାକୁ ଆରମ୍ଭ କରିଦେଲେ। କେହି କେହି ମୁକ୍ତି ସଂଗ୍ରାମର କାହାଣୀ ଶୁଣିଲେ ତା'ଠୁ। ବୁଢ଼ାଟି ସବୁ ଶୁଣେ। ସବୁ କହେ। ହସେ, ସବୁ ମନେପକାଏ। ସମସ୍ତଙ୍କୁ ଭଲପାଏ। ଭଲପାଏ ମାନେ, ଜାଣି ଜାଣି ନୁହେଁ; ଯାହାକୁ ବି ଦେଖିଦେଲେ ତାକୁ ଭଲ ମାଡ଼େ।

ସେଦିନ ଘଟଣାଟି ଘଟିଲା ଏମିତି ଅଚାନକ। ବୁଢ଼ା ବସିଥାଏ ଘର ଭିତରେ। ବର୍ଷା ଜୋର। କିଏ ଜଣେ କବାଟ ଠକ୍ ଠକ୍ କଲା। ଫିଟାଇ ଦେଖେ ତ ସ୍ତ୍ରୀଲୋକଟିଏ। ଘର ଭିତରକୁ ଡାକିଆଣିଲା ତାକୁ ବୁଢ଼ା। ସେ ବି ଥଲା ବୁଦ୍ଧିମତୀ। ବର୍ଷାଋତୁ ମିଡିଲା, ଆସିଲା ଶରତ, ବସନ୍ତ, ଖରାଦିନ ପୁଣି ବର୍ଷା। ରହୁ ରହୁ ରହିଗଲା ମାଇପିଟି। ସେ ବି ବୁଢ଼ାସହ ଲାଗିଗଲା ବଗିଚାରେ। ଶିମ୍ବ ଗଛରେ ରଞ୍ଜାଦେଇ ମଡ଼େଇଲା। ଛଚିନ୍ଦ୍ରା ତଳେ ଗୋଡ଼ି ବାନ୍ଧି ଝୁଲେଇଲା ଭାଡ଼ି ତଳକୁ। ଶାଗ ପଟାଳିରୁ ବାଛିଲା ଗୋଡ଼ି।

ସେ ଜାଣିଥିଲା ତାକୁଡ଼ିରେ ସୂତାକଟା। ଜାଣିଥିଲା ବି ରାମଧୁନ୍। ବୁଢ଼ା ସହିତ ସେ ମିଶିଗଲା। ତ୍ରିରଙ୍ଗା ପତାକା ତଳେ ସେମାନେ ଥାପନାକଲେ ଗୋଟେ ଚନ୍ଦାମୁଣ୍ଡିଆ ଦେବତା। ଧୂପଦୀପ ଦେଇ ସେ ଦେବତାର ପୂଜା ଗୁଲିଲା ଧୂମ୍‌ଧାମ୍।

ଦିନେ ସକାଳୁ ଉଠି ବୁଢ଼ା ଦେଖେ ତ, ମାଇପିଟି ନାହିଁ। ଦିନେ ଗଲା, ପାଞ୍ଚଦିନ ଗଲା, ତିନିମାସ ଗଲା। ମାଇପିଟି ଫେରିଲା ନାହିଁ। କିଏ ଜଣେ କହୁଥିଲା, କୋଉ ଟ୍ରକ୍ ଡ୍ରାଇଭର ସାଙ୍ଗେ ଦେଖିଥିଲା ସେ ମାଇପିଟିକୁ।

ବୁଢ଼ା ଟିକେ ଉଦାସ ଦିଶିଲା କିଛିବେଳ। ଗୁମ୍ଫାମାରି ଆକାଶକୁ ଗୃହିଲା କିଛିବେଳ। ତା'ପରେ ପୁଣି ଲାଗିଗଲା କାମରେ। ମକାଗଛ ସିଆରରେ ୟୁରିଆ ସାର ଦେଲା। ସାରୁ କିଆରୀରୁ ଘାସ ବାଛିଲା। ଗଛର ନୀଳ ଉପତ୍ୟକାରେ ସେ ଭୁଲିଗଲା ମାଇପିଟିକୁ। ମନେପଡ଼ିଲା ବାପା ବୋଲି ସେଇ ବୁଢ଼ାଟି କଥା, ଯିଏ ସବୁକୁ କହୁଥିଲା ଖେଳ। ଯିଏ ଦିନେ ଘର କ'ଣ ଜାଣି ନଥିଲା। ବୁଢ଼ାଟି ସେଇ ବାପଟିକୁ ମନେପକେଇଲା ଓ ସବୁକୁ ଖେଳ ଭାବି ଭୁଲିବାକୁ ଚେଷ୍ଟା କରୁଥିଲା।

ଭୁଲିଗଲା ବି। କିନ୍ତୁ ଆଜିର ଏ ଭୂମିକମ୍ପଟିକୁ ସେ ଭୁଲିପାରିନି। ପୁଣି ସମ୍ବାଦ ଅଛ– ଯେ କୌଣସି ସମୟରେ ଭୂମିକମ୍ପ ହୋଇପାରେ ପୁନର୍ବାର। ଏଥପାଇଁ ବୁଢ଼ାଟି ଭାରି ବିବ୍ରତ। ସେମିତି କାନ୍ଥକୁ ଆଉଜି ବଡ଼ ନିଷ୍ପ୍ରହ ଭାବେ ଚାହିଁରହିଛି ଦୂରକୁ। ଯେତେଦୂର ଯାଏ ଆଖି ପାଉଛି, ସେଇଠି ଦିଶୁଛି ଗୋଟେ ପେଜୁଆ ଦିଗ୍‌ବଳୟ। ଗୋଟେ ଧ୍ୱସ୍ତ ଉପତ୍ୟକା ପରି ପ୍ରକୃତି, ଗଛବୃଛ, ଘରଦ୍ୱାର, ମଣିଷ। ସବୁଠି ବୁଲିଯାଇଛି କାହାର କଳା ଅଦୃଶ୍ୟ ହାତ। ବୁଢ଼ା ଆଖି ପହଁରଉ ପହଁରଉ ଟିକେ ସତର୍କ ହେବାପରି ଲାଗିଲା। ବଗିଚା ଆଡ଼କୁ ଚାଲିଲା ଓ ଦେଖିଲା ସଜନା ଗଛ ଉପୁଡ଼ି ପଡ଼ିଛି । କିଛି ହାତ ମାଟି ଧସିଯାଇଛି ତଳକୁ।

ଏଥର ବୁଢ଼ା ଭୟଭୀତ ଦିଶିଲା ଓ ଭଙ୍ଗା ଇଟା ପଥର ଆଡ଼େଇ ପଶିଲା ଭଙ୍ଗା ଘର ଭିତରକୁ। ବହୁ କଷ୍ଟରେ ଠାବକଲା ସିନ୍ଧୁକଟିକୁ। ବଡ଼ ବିବ୍ରତ ଭାବରେ କ'ଣ ସବୁ ଖୋଜିବାକୁ ଲାଗିଲା।

ପାଟ ମଠା ଦୁଇହଳ/ ନାନା! ଏଗୁଡ଼ା ନୁହେଁ।

ମା'ର ପିତଳ ଖଡୁ/ ନା ନା, ଏଗୁଡ଼ା ବି କିଛି କାମର ନୁହେଁ। ବାପାଙ୍କ ଅମଳ ପୋଥି/ ଥାଉ ଏଗୁଡ଼ା।

ରୂପାଟଙ୍କା ପୁଳେ। ଧେତ୍।

ବୁଢ଼ା ଦରାଣ୍ଡୁଥାଏ ପାଗଳପରି। ଗୋଟି ଗୋଟି ହୋଇ ବାହାରୁଥାଏ ଅତୀତ। ଅଳନ୍ଧୁଲଗା ସ୍ମୃତି। ପାଟ ମଠାଗୁଡ଼ା ସ୍ନେହ, ପ୍ରେମ। ବୁଢ଼ା ହୁଏତ ଗୃହିଁ ନଥାଏ ତାକୁ। କ'ଣ ସେ ଖୋଜୁଥାଏ?

ଆରମ୍ଭ ହେଲା ମୃଦୁ ଭୂମିକମ୍ପ । ଭଙ୍ଗାଘର ଭିତରୁ ପୁଣି ଶୁଭିଲା ଆର୍ତ୍ତ ଚିତ୍କାର ଓ ଧାଁଦଉଡ଼। ସବୁ ଆଖିରୁ ପୁଣି ଲିଭିଗଲା ଭବିଷ୍ୟତ, ଯାହା ଭାରି କ୍ଷୀଣ ହୋଇ ଦିଶୁଥିଲା କିଛିବେଳ ତଳେ। ଭୂମିକମ୍ପର ବେଗ ବଢ଼ିଚାଲିଲା । ଘର ଗଛବୃଛ ପୁଣି ଦୋହଲିବାକୁ ଆରମ୍ଭ କଲେ। ଇଟା, ପଥର ପୁଣି ଖସିବାକୁ ଲାଗିଲା।

ବୁଢ଼ା କିନ୍ତୁ କ'ଣ ସବୁ ଖୋଜୁଥାଏ ପାଗଳପରି ସିନ୍ଧୁକରୁ। କିଏ ଜଣେ ବୁଢ଼ାକୁ ଦେଖିପକେଇ ଚିତ୍କାର କଲା ଏ ବୁଢ଼ା! ବାହାରି ଆ ଘର ଭିତରୁ। ମରିବୁ ନା କ'ଣ? ବୁଢ଼ା ସେମିତି ଦରାଣ୍ଡୁଥାଏ । ମନେ ମନେ କ'ଣ କହୁଥାଏ। ବିଡ୍ ବିଡ୍ ହେଉଥାଏ। ବୁଢ଼ା ଦୌଡୁଥିବା ମଣିଷମାନଙ୍କ ଉଦ୍ଦେଶ୍ୟରେ ଚିତ୍କାର କଲା– ମୋ ଘର ଛାଡ଼ି ମୁଁ କୁଆଡ଼େ ଯିବିରେ ଶଳେ!

ଭୂମିକମ୍ପର ବେଗ ବଢ଼ିଗଲା ଓ ମୁହୂର୍ତ୍ତକ ଭିତରେ ଆଉ କିଛି ଘର, ଗଛବୃଛ ମିଶିଗଲା ମାଟିରେ। କିଛି ଲୋକଙ୍କ ଚିତ୍କାର, ଆର୍ତ୍ତରେ କମିଗଲା ସମୟ। ମନେହେଲା–ଗୋଟେ ଜୀବ ମୁହୂର୍ତ୍ତ ଭାରି କାକୁସ୍ଥ ହୋଇ ଯେମିତି ଛିଡ଼ାହୋଇଛି।

ଗୋଟେ ଦିନ ପରେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଶବୋଦ୍ଧାର କାର୍ଯ୍ୟକ୍ରମ ଚାଲିଲା। ବୁଢ଼ାର ବସିବା ଜାଗାଟି ଅକ୍ଷତ ଥିଲା ଆଶ୍ଚର୍ଯ୍ୟଜନକ ଭାବେ। 'ବୁଢ଼ାଟା ବଞ୍ଚିଯାଇଚି କି' ଏମିତି ଭାବି ସ୍ୱେଚ୍ଛାସେବୀମାନେ କୁଢ଼ କୁଢ଼ ଇଟା ପଥର ତଳୁ ବୁଢ଼ାର ମୃତ ଦେହଟି ହିଁ ଆବିଷ୍କାର କରିଥିଲେ। ବୁଢ଼ା ହାତରେ ଥିଲା ଘରର ଦଲିଲ୍। ତାକୁ ଅତି ଆତ୍ମୀୟଭାବେ ଜାବୁଡ଼ି ଧରିଥିଲା ବୁଢ଼ା।

*ଚୌଦ୍ୱାର, କଟକ*

# ପୈଠାନୀ ଶାଢ଼ି ଫ୍ୟାଶନ

**ଆକର୍ଷଣୀୟ ଡିଜାଇନ୍ ସାଙ୍ଗକୁ ଫାଇନ୍ ମଲବେରୀ ସିଲ୍କ ଫାବ୍ରିକ୍ ପୈଠାନୀ ଶାଢ଼ିକୁ ସ୍ୱତନ୍ତ୍ର କରିଥାଏ। ସେଥିପାଇଁ ଏହା ଦେଖିବାକୁ ଯେମିତି ଆକର୍ଷଣୀୟ ହୋଇଥାଏ ଏହାର ଦାମ୍ ବି ସେମିତି ଅଧିକ ରହିଥାଏ। ତେବେ ରୟାଲ୍ ଲୁକ୍ ପ୍ରଦାନ କରୁଥିବା ପୈଠାନୀ ଶାଢ଼ିର କ'ଣ ରହିଛି ଇତିହାସ ଓ ବର୍ତ୍ତମାନର ପରିସ୍ଥିତି ଜାଣନ୍ତୁ ସେ ସମ୍ପର୍କରେ...**





ଆଖି ଲାଖିଗଲା ଭଳି ଡିଜାଇନ୍ ଆଉ ତା'ସାଙ୍ଗକୁ ଅତି ଉତ୍ତମ କ୍ୱାଲିଟିର ମଲବେରୀ ସିଲ୍କ ଫ୍ରାବିକ୍‌ରେ ତିଆରି ହୋଇଥିବା କଲରଫୁଲ୍ ପୈଠାନୀ ଶାଢ଼ିକୁ ଯେ କୌଣସି ଅକେଜନ୍‌ରେ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗେ। ସେଥିପାଇଁ ପ୍ରାୟତଃ ବଲିଉଡ୍ ଆକ୍ଟ୍ରେସ୍‌ମାନଙ୍କୁ ଏହି ଶାଢ଼ିରେ ଦେଖିବାକୁ ମିଳିଥାଏ। ପୈଠାନୀ ଶାଢ଼ି ମୁଖ୍ୟତଃ ମହାରାଷ୍ଟ୍ରିୟାନ୍ ଶାଢ଼ି ଅଟେ; ଯାହାକୁ ଅତି ନିଖୁଣ ଭାବେ ପିୟୋର୍ ମଲବେରୀ ସିଲ୍କରେ ତିଆରି କରାଯାଇଥାଏ। ଖାସ୍ କରି ଏହି ଶାଢ଼ିରେ ଆକର୍ଷଣୀୟ ବୁଟି ୱାର୍କ ସାଙ୍ଗକୁ ଏହାର ବର୍ଡର ଓ କାନିରେ ଗୋଲ୍ଡେନ୍ କିମ୍ବା ସିଲଭର୍ ଜରିରେ ମୟୂର ହେଉ ଅଥବା ଶୁଆ କିମ୍ବା ପଦ୍ମ ଫୁଲ ପରି ଅତି ସୁନ୍ଦର ସୁନ୍ଦର ଡିଜାଇନ୍ କରାଯାଇଥାଏ। ଆଉ ଏହିସବୁ କାମକୁ ଅତି ନିଖୁଣ ଭାବେ ହାତରେ ବୁଣି ବୁଣି କରିବାକୁ କାରିଗରଙ୍କୁ ଟିକେ ଅଧିକ ସମୟ ଲାଗିଥାଏ; ଯେଉଁଥିପାଇଁ ଏହି ଶାଢ଼ିର ମୂଲ୍ୟ ଟିକେ ଅଧିକ ରହିଥାଏ।

## ପୈଠାନୀ ଶାଢ଼ିର ଇତିହାସ

ପୈଠାନୀ ଶାଢ଼ିର ଉତ୍ପତ୍ତିକୁ ନେଇ ଅନେକ ରୋଚକ କଥା ଶୁଣିବାକୁ ମିଳେ। ସୂଚନାନୁଯାୟୀ, ଆଜକୁ ପ୍ରାୟ ଦୁଇ ହଜାର ବର୍ଷ ପୂର୍ବେ ପ୍ରଥମେ ଏହି ଶାଢ଼ିକୁ ସାତବାହନ ରାଜବଂଶର ରାଣୀମାନେ ପିନ୍ଧୁଥିଲେ। ସେ ସମୟରେ ଏହି ଶାଢ଼ିକୁ ପିୟୋର୍ ସିଲ୍କ ଉପରେ ସୁନା ତାରକୁ ବ୍ୟବହାର କରି ତିଆରି କରାଯାଉଥିଲା; ଯାହା ଦେଖିବାକୁ ଖୁବ୍ ଆକର୍ଷଣୀୟ ଲାଗୁଥିଲା। କ୍ରମେ ଏହି ଶାଢ଼ି ଗ୍ରିକୋ ରୋମାନ୍‌ମାନଙ୍କୁ ବି ଖୁବ୍ ଭଲ ଲାଗିଥିଲା। ଆଉ ଏହି ଶାଢ଼ି ପାଇଁ ସେମାନେ କେତେଥର ସୁନାର ଆଦାନ ପ୍ରଦାନ ମଧ୍ୟ କରିଥିବା ଇତିହାସ କହେ। ଖାସ୍ ଏହି କାରଣ ପାଇଁ ପୈଠାନୀ ଶାଢ଼ିକୁ ପ୍ରଥମେ କେବଳ ରାଣୀ, ମହାରାଣୀ ତଥା ବିତ୍ତଶାଳୀ ମହିଳାମାନେ ହିଁ ପିନ୍ଧୁଥିଲେ। ତା'ଛଡ଼ା ପୂର୍ବେ ଏହି ପୈଠାନୀ ଶାଢ଼ିକୁ 'ପ୍ରତିଷ୍ଠାନୀ' ବୋଲି ବି କୁହାଯାଉଥିଲା। କାରଣ ଏହାର ଉତ୍ପତି 'ପ୍ରତିଷ୍ଠାନ' ନାମକ ଏକ ପ୍ରାଚୀନ ସହରରୁ ହୋଇଥିଲା; ଯାହାକି ବର୍ତ୍ତମାନ 'ପୈଠନ' ନାମରେ ପରିଚିତ ଆଉ ଏହି ସହରଟି ଏବେ ମହାରାଷ୍ଟ୍ରର ଔରଙ୍ଗାବାଦ୍ ଜିଲ୍ଲାରେ ଅବସ୍ଥିତ। ଖାସ୍ ସେଥିପାଇଁ ଏହି ଶାଢ଼ିକୁ କେହି କେହି ପୈଠାନୀ କୁହନ୍ତି ତ ଆଉ କିଏ ପୈଠାନୀ ଶାଢ଼ି ବୋଲି ବି କହିଥାନ୍ତି। ଆଉ ଏବେ ବି ଏହି ସହରରେ ପୈଠାନୀ ଶାଢ଼ି ତିଆରି କରିବାର ପରମ୍ପରା ସେମିତି ରହିଛି। ଅବଶ୍ୟ ଏହାର ରୂପରେଖରେ ସାମାନ୍ୟ କିଛି ପରିବର୍ତ୍ତନ ଆସିଛି। କେବଳ କିଛି ଖାସ୍ ଅର୍ଡର ଆସିଲେ ହିଁ ଏଠାରେ ସୁନା, ରୂପା ତାରରେ ପୈଠାନୀ ଶାଢ଼ି ତିଆରି କରାଯାଉଛି। ନଚେତ୍ ଆର୍ଟିଫିସିଆଲ୍ ସୁନା, ରୂପା ଜରିକୁ ବ୍ୟବହାର କରି ଏଠି ପୈଠାନୀ ଶାଢ଼ିର ବର୍ଡର ଓ କାନିକୁ ଡିଜାଇନ୍ କରାଯାଉଛି।

## ଫ୍ୟାଶନ ଟିପ୍ସ

* **ବ୍ଲାଉଜ୍ ଷ୍ଟାଇଲ୍:** ଖାସ୍‌କରି ପୈଠାନୀ ଶାଢ଼ି ସାଙ୍ଗକୁ ୩/୪ ଲେଙ୍ଗ୍‌ଥ ସ୍ଲିଭ୍ ହେଉ କି ଫୁଲ୍ ସ୍ଲିଭ୍‌ବାଲା ବ୍ଲାଉଜ୍ ଖୁବ୍ ସୁନ୍ଦର ଦେଖାଯାଇଥାଏ। ତା'ସହିତ ବ୍ଲାଉଜ୍ ଡିଜାଇନ୍ ଯେତେ ସିମ୍ପଲ୍ ରହିବ ସେତେ ଭଲ। ଏଥିରେ ଲଟକନ୍ ଲଗାଇବା କିମ୍ବା କୌଣସି କଟିଙ୍ଗ୍ ଡିଜାଇନ୍ ନକଲେ ବି ଚଳିବ।

* **ଜୁଏଲେରୀ:** ଯେହେତୁ ପୈଠାନୀ ଶାଢ଼ିର ବର୍ଡରରେ ଗୋଲ୍ଡେନ୍ କିମ୍ବା ସିଲଭର୍ କଲର୍‌ର ଜରି କାମ ହୋଇଥାଏ, ତେଣୁ ଏହା ସାଙ୍ଗକୁ ଗୋଲ୍ଡେନ୍ କିମ୍ବା ସିଲଭର୍‌ର ମଲ୍ଟି ଲେୟର୍ ନେକ୍‌ଲେସ୍ ଓ ମ୍ୟାଚିଂ ଇୟର୍ ରିଂ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ। ମହାରାଷ୍ଟ୍ରିୟାନ୍ ଲୁକ୍ ପାଇଁ ଆପଣ ଚାହିଁଲେ ଏହା ସାଙ୍ଗକୁ ନାକରେ ମରାଠୀ ନଥ୍ ମଧ୍ୟ ପିନ୍ଧିପାରିବେ। କିନ୍ତୁ ଧ୍ୟାନ ଦେବେ ଯେହେତୁ ଶାଢ଼ି ଓ ଜୁଏଲେରୀ ଉଭୟ ଗର୍ଜିୟସ୍ ରହୁଛି ତେଣୁ ହେଭି ମେକ୍‌ଅପ୍ ବଦଳରେ ଯେତେ ସମ୍ଭବ ହାଲ୍‌କା ମେକ୍‌ଅପ୍ ନେବାକୁ ଚେଷ୍ଟା କରିବେ।

* **ହେୟାର୍ ଷ୍ଟାଇଲ୍:** ଟ୍ରାଡିସନାଲ୍ ଲୁକ୍ ପାଇଁ ପୈଠାନୀ ଶାଢ଼ି ସାଙ୍ଗକୁ ଜୁଡ଼ା କରି ସେଥିରେ ଗଜରା ଲଗାଇଲେ ସୁନ୍ଦର ଦେଖାଯାଇଥାଏ। ବିଶେଷକରି ମହାରାଷ୍ଟ୍ରିୟାନ୍ ବାହାଘରମାନଙ୍କରେ ନବବଧୂଙ୍କୁ ଏହି ଲୁକ୍‌ରେ ଦେଖିବାକୁ ମିଳିଥାଏ। କିନ୍ତୁ ଯଦି ଆପଣଙ୍କର ଚେହେରା ଟିକେ ମୋଟା ଦେଖାଯାଉଥାଏ, ତା'ହେଲେ ସେ କ୍ଷେତ୍ରରେ ମେସି ବନ୍ କରିବା ଠିକ୍ ହୋଇଥାଏ; ଯଦ୍ୱାରା କାହାର ବି ବେଶୀ ଧ୍ୟାନ କେବଳ ଆପଣଙ୍କ ମୁହଁ ଉପରକୁ ଯିବନାହିଁ। ସେହିପରି ଯଦି ପତଳା ଚେହେରା ସାଙ୍ଗକୁ ଆପଣଙ୍କ କଲାର୍ ବୋନ୍ ଠିକ୍‌ଠାକ୍ ଅଛି, ତା'ହେଲେ ସେ କ୍ଷେତ୍ରରେ ସ୍ଲିକ୍ ଲୋ ବନ୍ କରିବା ଠିକ୍ ଲାଗିଥାଏ।







# ମଙ୍ଗଳସୂତ୍ର ପିନ୍ଧିବାର ବୈଜ୍ଞାନିକ କାରଣ

ମଙ୍ଗଳସୂତ୍ର ଧାରଣ କରିବା ଏକ ପରମ୍ପରା ଭାବେ ବହୁ ପୁରାତନ ସମୟରୁ ପାଳନ ହୋଇଆସୁଛି। ମଙ୍ଗଳସୂତ୍ରକୁ ବିବାହର ଓ ସ୍ୱାମୀଙ୍କର ଏକ ପ୍ରତୀକ ବୋଲି କୁହାଯାଏ। ବିବାହ ପରେ ସଧବା ନାରୀମାନେ ମଙ୍ଗଳସୂତ୍ରକୁ ଶ୍ରଦ୍ଧାପୂର୍ବକ ଧାରଣ କରିଥାଆନ୍ତି। ଏହା ଷୋହଳ ଶୃଙ୍ଗାର ମଧ୍ୟରୁ ଗୋଟିଏ ଅଟେ। ମାତ୍ର ଏହା କେବଳ ଏକ ଗହଣା ନୁହେଁ, ଏଥିରେ ବହୁ ଚମତ୍କାରୀ ଓ ଲାଭଦାୟକ ଗୁଣ ମଧ୍ୟ ରହିଛି।

ବୈଜ୍ଞାନିକ ଦୃଷ୍ଟିକୋଣରୁ କୁହାଯାଏ ଯେ, ମଙ୍ଗଳସୂତ୍ର ସୁନା ଅଥବା ଚାନ୍ଦି ଓ କଳା ମୋତିରେ ନିର୍ମିତ ହୋଇଥାଏ। ଦୁଇଟି ଧାତୁ ଚାନ୍ଦି ଓ ସୁନା ମହିଳାଙ୍କ ହୃଦୟକୁ ସୁସ୍ଥ ରଖିଥାଏ। ଏହି ଧାତୁ କାରଣରୁ ନାରୀମାନଙ୍କ ରକ୍ତଚାପ ସଠିକ୍ ରହିଥାଏ। ମଙ୍ଗଳସୂତ୍ରରେ ଥିବା ସୁନା ଶକ୍ତି ଓ ତେଜର ପ୍ରତୀକ। ତେଣୁ ସୁନା ଧାରଣ କରିବା ଦ୍ୱାରା ମହିଳାଙ୍କୁ ଶକ୍ତି ମିଳିଥାଏ। ମଙ୍ଗଳସୂତ୍ରରେ ଥିବା କଳା ମୋତି ବାୟୁଜନିତ ରୋଗରୁ ରକ୍ଷା କରିବା ପାଇଁ ଶକ୍ତି ପ୍ରଦାନ କରିଥାଏ। ମଙ୍ଗଳସୂତ୍ର ଧାରଣ କରିବା ଦ୍ୱାରା ମହିଳାଙ୍କ ଶରୀରରେ ସକାରାତ୍ମକ ଶକ୍ତି ରହିବା ସହ ସେ ନିଜକୁ ଶକ୍ତିଶାଳୀ ଅନୁଭବ କରିଥାଆନ୍ତି।

ହିନ୍ଦୁ ଧର୍ମର ପରମ୍ପରା ଅନୁଯାୟୀ ବିବାହ ପରେ ମହିଳାମାନେ ବିଭିନ୍ନ ଶୃଙ୍ଗାର ଦ୍ରବ୍ୟ ବ୍ୟବହାର କରିଥାଆନ୍ତି। ଏହାସହ ବହୁ ଗହଣା ପିନ୍ଧିବାର ମଧ୍ୟ ଆବଶ୍ୟକତା ଥାଏ। ମଙ୍ଗଳସୂତ୍ର ମଧ୍ୟ ସେହି ଗହଣା ମଧ୍ୟରୁ ଗୋଟିଏ। ମଙ୍ଗଳସୂତ୍ର କଳା ମୋତି ଓ ସୁନାର ଲକେଟକୁ ନେଇ ତିଆରି କରାଯାଏ। ଏହା ଅଖଣ୍ଡ ସୌଭାଗ୍ୟର ପ୍ରତୀକ କାରଣ। ନାରୀଟି ନିଜ ସ୍ୱାମୀଙ୍କ ଦ୍ୱାରା ହିଁ ବିବାହ ସମୟରେ ମଙ୍ଗଳସୂତ୍ର ପିନ୍ଧିଥାଏ। ମଙ୍ଗଳସୂତ୍ରରେ ଥିବା କଳା ମୋତି ନାରୀମାନଙ୍କୁ ନକାରାତ୍ମକ ଦୃଷ୍ଟିରୁ ରକ୍ଷା କରିଥାଏ।


# ୟୁରୋପା ଅଭିମୁଖେ ୟୁରୋପା କ୍ଲିପର୍ ଯାନ

ୟୁରୋପା ହେଉଛି ସୌରଜଗତର ବୃହତ୍ତମ ଗ୍ରହ ବୃହସ୍ପତିର ଗୋଟିଏ ଉପଗ୍ରହ। ଇଟାଲୀର ବୈଜ୍ଞାନିକ ଗାଲିଲିଓ ୧୬୧୦ ମସିହାରେ ବୃହସ୍ପତିର ଚାରିଟି ବଡ଼ ଉପଗ୍ରହ ଆବିଷ୍କାର କରିଥିଲେ। ସେଗୁଡ଼ିକ ହେଉଛି ଆଇଓ, ୟୁରୋପା, ଗାନିମୀଡ ଓ କାଲିଷ୍ଟୋ। ଏହି ଚାରିଟିକୁ ତାଙ୍କ ନାମ ଅନୁସାରେ 'ଗାଲିଲୀୟ ଉପଗ୍ରହ' କୁହାଯାଏ।

ୟୁରୋପାର ବ୍ୟାସ ହେଉଛି ୩୧୨୧ କିମି, ଯାହା ଚନ୍ଦ୍ରର ବ୍ୟାସଠାରୁ ସାମାନ୍ୟ କମ୍। ଏହା ହେଉଛି ସୌରଜଗତର ଷଷ୍ଠ ବୃହତ୍ତମ ଉପଗ୍ରହ। ବୃହସ୍ପତିଠାରୁ ଏହାର ହାରାହାରି ଦୂରତା ହେଉଛି ୬୭୧୧୦୦ କିମି ଏବଂ ବୃହସ୍ପତିକୁ ଥରେ ପରିକ୍ରମଣ କରିବା ପାଇଁ ଏହା ୩.୫୫୧ ଦିନ ନେଇଥାଏ।

ୟୁରୋପାର ପୃଷ୍ଠ ବରଫ ଦ୍ୱାରା ଆଚ୍ଛାଦିତ ହୋଇଛି। ଭଏଜର ଓ ଗାଲିଲିଓ ଅଭିଯାନରୁ ମିଳିଥିବା ତଥ୍ୟ ଅନୁସାରେ ଏହାର ବରଫାଚ୍ଛାଦିତ ତ୍ୱକ୍‌ରୁ ୩ରୁ ୩୦କି.ମି ତଳେ ଲୁଣି ଜଳର ମହାସାଗର ଥିବାର ସୂଚନା ମିଳୁଛି। ପୃଥିବୀର ମହାସାଗରଗୁଡ଼ିକର ଆୟତନର ଏହା ଦୁଇଗୁଣ ହେବ ବୋଲି ଅନୁମାନ କରାଯାଉଛି। ଏହାର ଆଭ୍ୟନ୍ତରରେ ଜୁଆରୀୟ ଶକ୍ତି ନିର୍ଗତ ହୋଇ ଜଳକୁ ଉଷ୍ମ ତଥା ତରଳ କରିପାରିଛି। ୟୁରୋପାରେ ମଧ୍ୟ ଗନ୍ଧକ ଏବଂ ଜୈବିକ ପଦାର୍ଥ ଥିବାର ଜଣାଯାଇଛି।

ଯଦି ୟୁରୋପାରେ ସମୁଦ୍ର ଓ ଏହାର ଉତ୍ତାପ ଉତ୍ସ ପ୍ରକୃତରେ ଥାଏ, ତାହା ହେଲେ ସେଠାରେ ଅତି କମ୍‌ରେ ଆଣୁବୀକ୍ଷଣିକ ଜୀବ ଥିବାର ସମ୍ଭାବନା ରହିଛି। ଯଦି ଏହା ପ୍ରମାଣ ହୋଇପାରିବ, ତାହା ହେଲେ ସୌରଜଗତରେ ପୃଥିବୀ ବାହାରେ ପ୍ରଥମ ଜୀବଜଗତ ୟୁରୋପାରେ ରହିଥିବାର ଜଣାପଡ଼ିବ। ଏଣୁ ୟୁରୋପା ବର୍ତ୍ତମାନ ବୈଜ୍ଞାନିକମାନଙ୍କର ଦୃଷ୍ଟି ଆକର୍ଷଣ କରିଛି। ଏହି ଉଦ୍ଦେଶ୍ୟ ନେଇ ଯୁକ୍ତରାଷ୍ଟ୍ର ଆମେରିକାର ମହାକାଶ ସଂସ୍ଥା 'ନାସା' ଗତ ବର୍ଷ ଅକ୍ଟୋବର ୧୪ ତାରିଖରେ ୟୁରୋପା ଅଭିମୁଖେ ଏକ ଯାନ ପ୍ରେରଣ କରିଛି। ଏହାର ନାମ ହେଉଛି 'ୟୁରୋପା କ୍ଲିପର'।



ଏହା ୨.୯ ବିଲିୟନ କିମି ପଥ ଅତିକ୍ରମ କରି ୨୦୩୦ ମସିହାରେ ବୃହସ୍ପତି ଓ ଏହାର ଉପଗ୍ରହଗୁଡ଼ିକ ନିକଟରେ ପହଞ୍ଚିବ।

ବର୍ତ୍ତମାନ ବୃହସ୍ପତି କକ୍ଷରେ 'ନାସା'ର ଜୁନୋ ଯାନ ପରିକ୍ରମଣ କରୁଛି। ଏହାକୁ ୨୦୧୧ ମସିହା ଅଗଷ୍ଟ ୫ ତାରିଖରେ ଉତ୍‌କ୍ଷେପଣ କରାଯାଇଥିଲା ଏବଂ ୨୦୧୬ ମସିହା ଜୁଲାଇରୁ ଏହା ବୃହସ୍ପତିକୁ ପରିକ୍ରମଣ କରି ତଥ୍ୟ ପଠାଉଛି। ପୁନଶ୍ଚ ୟୁରୋପୀୟ ମହାକାଶ ସଂସ୍ଥା ୨୦୨୩ ମସିହା ଏପ୍ରିଲରେ 'ଜୁଇସ୍' ଯାନକୁ ବୃହସ୍ପତି ଅଭିମୁଖେ ପଠାଇଛି ଏବଂ ଏହା ୨୦୩୧ ମସିହାରେ ସେଠାରେ ପହଞ୍ଚିବ। ବୃହସ୍ପତି ପାଖକୁ ଦୁଇଟି ଯାନ ପ୍ରେରଣ କରାଯିବା ପରେ 'ୟୁରୋପା କ୍ଲିପର'ର ଆବଶ୍ୟକତା କ'ଣ ?

'ଜୁନୋ' କେବଳ ବୃହସ୍ପତିକୁ ଅଧ୍ୟୟନ କରିବା ପାଇଁ ଉଦ୍ଦିଷ୍ଟ, ଯଦିଓ ଏହା ତାହାର ଉପଗ୍ରହଗୁଡ଼ିକର ମଧ୍ୟ କେତେକ ଭଲ ଚିତ୍ର ପଠାଇଛି। ପୁନଶ୍ଚ ଏହାର କାର୍ଯ୍ୟକାଳ ୨୦୨୫ ମସିହା ସେପ୍ଟେମ୍ବର ମାସରେ ଶେଷ ହୋଇଯିବ। ଜୁଇସ ଯାନ ୨୦୩୧ ମସିହାରେ ବୃହସ୍ପତି ନିକଟରେ ପହଞ୍ଚିବ ଏବଂ ୨୦୩୨ ମସିହା ଜୁଲାଇ ମାସରେ ଏହା ୟୁରୋପା ନିକଟରେ ମାତ୍ର ଦୁଇ ଥର ଯିବା ପରେ ଗାନିମୀଡ ଓ କାଲିଷ୍ଟୋକୁ ବିଶଦ ଭାବରେ ଅଧ୍ୟୟନ କରିବ। ଏହି ଦୁଇ ଉପଗ୍ରହର ପୃଷ୍ଠ ତଳେ ମଧ୍ୟ ତରଳ ମହାସାଗର ଥିବାର ଅନୁମାନ କରାଯାଉଛି। ଏଣୁ କେବଳ ୟୁରୋପାକୁ ଅଧ୍ୟୟନ କରିବା ହେଉଛି ୟୁରୋପା କ୍ଲିପର ଲକ୍ଷ୍ୟ। ୟୁରୋପା କ୍ଲିପର୨୦୨୫ ମସିହାରେ ମଙ୍ଗଳ ଏବଂ ୨୦୨୬ ମସିହାରେ ପୃଥିବୀ ନିକଟ ଦେଇ ଓ ଏହାର ମାଧ୍ୟାକର୍ଷଣର ସାହାଯ୍ୟ ନେଇ ବୃହସ୍ପତି ଅଭିମୁଖେ ଗତି କରିବ। ଏହା ୨୦୩୧ ମସିହା ଆରମ୍ଭରେ ୟୁରୋପାର କକ୍ଷରେ ପ୍ରବେଶ କରିବ ଏବଂ ମେ ମାସରେ ଏହାର ବିଜ୍ଞାନ କାର୍ଯ୍ୟକ୍ରମ ଆରମ୍ଭ କରିବ। ଏହା ବୃହସ୍ପତିଠାରୁ ଦୂରରେ ଥିବା ୟୁରୋପାର ପାର୍ଶ୍ୱକୁ ପ୍ରଥମେ ଅଧ୍ୟୟନ କରିବ ଏବଂ ୨୦୩୩ ମସିହା ମେ ମାସରେ ଏହା ବୃହସ୍ପତିର ନିକଟରେ ଥିବା ୟୁରୋପାର ପାର୍ଶ୍ୱକୁ ଅଧ୍ୟୟନ କରିବ। ଏହା ୟୁରୋପା ଚାରିପଟେ ୪୯ ଥର ଘୂରିବ ଏବଂ ୟୁରୋପାଠାରୁ ଏହାର ସର୍ବନିମ୍ନ ଦୂରତା ୨୫ କି.ମି. ହେବ।

ଏହି ଯାତ୍ରା ସମୟରେ ୟୁରୋପା କ୍ଲିପର କେତେକ ସମସ୍ୟାର ସମ୍ମୁଖୀନ ହୋଇପାରେ। ବୃହସ୍ପତିର ଗୋଟିଏ ବଡ଼ ଚୁମ୍ବକ ବଳୟ ଅଛି। ସୂର୍ଯ୍ୟ ଓ ବୃହସ୍ପତିରୁ ଏବଂ 'ଆଇଓ'ର ଆଗ୍ନେୟଗିରିରୁ ଚାର୍ଜ କଣିକା ବୃହସ୍ପତିର ଶକ୍ତିଶାଳୀ ଚୁମ୍ବକୀୟ କ୍ଷେତ୍ର ଦ୍ୱାରା ଆକର୍ଷିତ ହୋଇ ଗୋଟିଏ ପ୍ରଖର ଚୁମ୍ବକ ବଳୟ ସୃଷ୍ଟି କରିଥାଏ। ଏହି ବଳୟ ଆଇଓ, ୟୁରୋପା ଓ ଗାନିମୀଡ଼କୁ ଆଚ୍ଛାଦନ କରିଥାଏ। ଏଥିପାଇଁ ଏହି ଯାନର କମ୍ପ୍ୟୁଟର ଓ ସୂକ୍ଷ୍ମ ଇଲେକ୍ଟ୍ରୋନିକ୍‌ସକୁ ୯.୨ ମିଲିମିଟର ମୋଟେଇର ଆଲୁମିନିୟମ ଓ ଦସ୍ତାର ପ୍ରାଚୀର ଥିବା ଗୋଟିଏ ବାକ୍ସ ଭିତରେ ରଖାଯାଇଛି। ଜୁନୋ ଯାନର ଅଭିଜ୍ଞତାରୁ ଏହି ପଦକ୍ଷେପ ନିଆଯାଇଛି।

ଗ୍ରାହକ ଅଭିଯାନ ପାଇଁ ନାସା ନିର୍ମାଣ କରିଥିବା ଯାନଗୁଡ଼ିକ ମଧ୍ୟରେ ୟୁରୋପା କ୍ଲିପର ହେଉଛି ବୃହତ୍ତମ। ଏହାର ଓଜନ ହେଉଛି ୫୯୦୦ କି.ଗ୍ରା ଏବଂ ଓସାର ହେଉଛି ୩୦.୫ ମିଟର (ଏକ ବାସ୍କେଟବଲ ପଡ଼ିଆର ଦୈର୍ଘ୍ୟ ସହିତ ସମାନ)।

ୟୁରୋପାର ଗଠନ ଜାଣିବା ପାଇଁ ଏହି ଯାନରେ ଦୃଶ୍ୟମାନ ଆଲୋକ ଓ ଅବଲୋହିତ କ୍ୟାମେରା ଏବଂ ଅତିବାଇଗଣି ଓ ଅବଲୋହିତ ବର୍ଣ୍ଣବୀକ୍ଷଣ ଯନ୍ତ୍ର ରଖାଯାଇଛି। ଏଥିରେ ଥିବା ଚୁମ୍ବକମାପକ ଯନ୍ତ୍ର ଓ ପ୍ଲାଜ୍‌ମା ଯନ୍ତ୍ର ୟୁରୋପାର ଚୁମ୍ବକୀୟ କ୍ଷେତ୍ରକୁ ମାପ କରିବ। ଏଥିରୁ ୟୁରୋପା ପୃଷ୍ଠ ତଳେ ମହାସାଗରର ସନ୍ଧାନ ଜଣାପଡ଼ିବ। ଏପରିକି ଏହା ସମୁଦ୍ରର ଲବଣତା, ଗଭୀରତା ଏବଂ ଏହା ଉପରେ ଥିବା ବରଫର ମୋଟେଇକୁ ମଧ୍ୟ ଜାଣିପାରିବ। ଯାନରେ ଥିବା ଗୋଟିଏ ରାଡାର ଯନ୍ତ୍ର ମଧ୍ୟ ୟୁରୋପାର ପୃଷ୍ଠର ମାନଚିତ୍ର ନେଇପାରିବ। ଏହାର ତ୍ୱକ୍‌ରେ ବରଫର ମୋଟେଇ ଗଣନା କରିପାରିବ ଏବଂ ଏପରିକି ଏହା ତଳେ ଥିବା ସମୁଦ୍ରର ଗଭୀରତାକୁ ଜାଣିପାରିବ। ଯାନରେ ଥିବା ବସ୍ତୁତ୍ୱ ବର୍ଣ୍ଣବୀକ୍ଷଣ ଯନ୍ତ୍ର ଏବଂ ପୃଷ୍ଠ ଧୂଳି ବିଶ୍ଳେଷଣ ଯନ୍ତ୍ର ୟୁରୋପାର ଚାରିପଟର ପରିବେଶକୁ ଅଧ୍ୟୟନ କରିବ। ଉଷ୍ଣ ପ୍ରସ୍ରବଣରୁ ନିର୍ଗତ ହେଉଥିବା ପଦାର୍ଥକୁ ମଧ୍ୟ ବିଶ୍ଳେଷଣ କରିବ।

ୟୁରୋପା କ୍ଲିପର କାର୍ଯ୍ୟକାଳ ୨୦୩୪ ମସିହା ସେପ୍ଟେମ୍ବରରେ ଶେଷ ହେବ। ଏହାପରେ ଏହାକୁ କକ୍ଷଚ୍ୟୁତ କରାଇ ଗାନିମୀଡ଼ ଉପରେ ପକାଇ ଦିଆଯିବ। ସୂଚନାଯୋଗ୍ୟ ଯେ ଜୁଇସ ଯାନକୁ ମଧ୍ୟ କାର୍ଯ୍ୟକାଳ ଶେଷ ପରେ ଗାନିମୀଡ ଉପରେ ଖସାଇ ଦିଆଯିବ। ୟୁରୋପାରେ ଜୀବଜଗତର ସମ୍ଭାବନା ଥିବାରୁ ଏହା ଉପରକୁ କୌଣସି ଯାନ ସଂଘର୍ଷ କରାଯାଉନାହିଁ। ୟୁରୋପାର ପୃଷ୍ଠରେ ବରଫ ଓ ଏହା ତଳେ ଥିବା ଜଳକୁ ଅଧ୍ୟୟନ କରି ଏହା ଜୀବଜଗତ ପାଇଁ ଉପଯୁକ୍ତ କି ନାହିଁ ତାହା ବୈଜ୍ଞାନିକମାନେ ନିର୍ଦ୍ଧାରଣ କରିବେ।

# ପିତ୍ତାଶୟରେ ପଥର

ପିତ୍ତାଶୟ ପଥର ବା ଗଲ୍ବ୍‌ଷ୍ଟୋନ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା, ଯାହା ପିତ୍ତାଶୟରେ କଠିନ ଜମାଟ ଦ୍ରବ୍ୟ ହିସାବରେ ଗଠିତ ହୁଏ। ଏହା ପ୍ରାୟତଃ କୋଲେଷ୍ଟରଲ, ବିଲିରୁବିନ ବା କ୍ୟାଲସିୟମ ଲବଣରୁ ତିଆରି ହୁଏ। ଏହା ଆକାରରେ ବାଲି କଣାଠାରୁ ଆରମ୍ଭ କରି ଗଲ୍ଫ ବଲ୍ ପର୍ଯ୍ୟନ୍ତ ହୋଇପାରେ। ଏହି ସମସ୍ୟା ୫୦ ବର୍ଷରୁ ଅଧିକ ବୟସ୍କଙ୍କ ମଧ୍ୟରେ ଅଧିକ ଦେଖାଯାଏ, ବିଶେଷକରି ମହିଳାଙ୍କଠାରେ।

ଆଜିକାଲି ଏହା ଏକ ସାଧାରଣ ସମସ୍ୟା ପାଲଟିଛି। କେତେକ ସମୟରେ ଏଗୁଡ଼ିକ ଛୋଟ ପଥର ହୋଇଥାଏ ଏବଂ କୌଣସି ଲକ୍ଷଣ ବିନା ରହିଥାଏ, କିନ୍ତୁ ଯେତେବେଳେ ଏହା ବଡ଼ ହୋଇଯାଏ କିମ୍ବା ଗତି କରେ ଏବଂ ଅବରୋଧ ସୃଷ୍ଟି କରେ, ସେତେବେଳେ ପ୍ରବଳ ଯନ୍ତ୍ରଣା, ବାନ୍ତି, ଗ୍ୟାସ କିମ୍ବା ଜ୍ୱର ଭଳି ସମସ୍ୟା ଆରମ୍ଭ ହୁଏ। ଏପରି ପରିସ୍ଥିତିରେ, ଲୋକମାନେ ପ୍ରାୟତଃ ଦ୍ୱନ୍ଦ୍ୱରେ ପଡ଼ିଯାଆନ୍ତି ଯେ ଏହାକୁ ଅପରେସନ ବିନା ଭଲ କରାଯାଇପାରିବ କି ଅସ୍ତ୍ରୋପଚାର ଶେଷ ଉପାୟ।

## ଲକ୍ଷଣ:

ଅନେକ କ୍ଷେତ୍ରରେ ପିତ୍ତାଶୟ ପଥର କୌଣସି ଲକ୍ଷଣ ଦେଖାଏ ନାହିଁ, ଯାହାକୁ "ସାଇଲେଣ୍ଟ ଷ୍ଟୋନ" କୁହାଯାଏ। କିନ୍ତୁ ଯଦି ପଥର ପିତ୍ତ ନଳୀରେ ଅବରୋଧ ସୃଷ୍ଟି କରେ, ତେବେ ନିମ୍ନଲିଖିତ ଲକ୍ଷଣ ଦେଖାଦେଇପାରେ:

-ଉପର ଡାହାଣ ପେଟରେ ତୀବ୍ର କିମ୍ବା ନିରନ୍ତର ଯନ୍ତ୍ରଣା (ବିଲିଆରୀ କୋଲିକ)

-ବାନ୍ତି ଓ ଅଜଣା ଅନୁଭବ

-ପେଟ ଫମ୍ପୁରା ଓ ଗ୍ୟାସ ସମସ୍ୟା

-ଜଣ୍ଡିସ (ଚର୍ମ ଓ ଆଖିରେ ହଳଦିଆ ରଙ୍ଗ)

-ଜ୍ୱର, ଥଣ୍ଡା ଲାଗିବା ବା ଦ୍ରୁତ ହୃତ୍ସ୍ପନ୍ଦନ

## ପିତ୍ତ ପଥର ପଛରେ କାରଣ:

ପିତ୍ତ ପଥର ପଛରେ ଅନେକ କାରଣ ଥାଇପାରେ। ସବୁଠାରୁ ସାଧାରଣ କାରଣ ହେଉଛି ଶରୀରରେ କୋଲେଷ୍ଟ୍ରରଲ ଅତ୍ୟଧିକ ହେବା। ଯେଉଁ ଲୋକମାନଙ୍କର ଖାଦ୍ୟ ବହୁତ ତେଲିଆ ଏବଂ ମସଲାଯୁକ୍ତ ଖାଦ୍ୟ ଥାଏ କିମ୍ବା ଯେଉଁମାନେ ଦୀର୍ଘ ସମୟ ଧରି ଭୋକିଲା ରୁହନ୍ତି, ସେମାନଙ୍କ ପାଖରେ ଏହି ରୋଗର ଆଶଙ୍କା ଅଧିକ ଥାଏ। ସ୍ଥୁଳତା, ମଧୁମେହ, ଚର୍ବି ଯକୃତ, ଦ୍ରୁତ ଓଜନ ହ୍ରାସ, ଦୀର୍ଘକାଳୀନ ଗର୍ଭନିରୋଧକ ବଟିକା ବ୍ୟବହାର ଏବଂ ଗର୍ଭାବସ୍ଥା ପରେ ମହିଳାମାନଙ୍କ ହରମୋନ ପରିବର୍ତ୍ତନ ମଧ୍ୟ ଏହି ରୋଗର ବିପଦକୁ ବୃଦ୍ଧି କରେ।



## ଚିକିତ୍ସା:

ଲକ୍ଷଣବିହୀନ ପଥର ପାଇଁ ସାଧାରଣତଃ ଚିକିତ୍ସାର ଆବଶ୍ୟକତା ନଥାଏ। କିନ୍ତୁ ଯଦି ଯନ୍ତ୍ରଣା ବା ଜଟିଳତା ଦେଖାଦିଏ, ତେବେ ନିମ୍ନଲିଖିତ ଚିକିତ୍ସା ବିକଳ୍ପ ଉପଲବ୍ଧ:

ଅସ୍ତ୍ରୋପଚାର (କୋଲେସିଷ୍ଟେକ୍ଟୋମୀ): ପିତ୍ତାଶୟ ଅପସାରଣ ହେଉଛି ସବୁଠାରୁ ସାଧାରଣ ଓ ପ୍ରଭାବଶାଳୀ ଚିକିତ୍ସା। ଲାପାରୋସ୍କୋପିକ କୋଲେସିଷ୍ଟେକ୍ଟୋମୀ (କୀହୋଲ ସର୍ଜରୀ) ସାଧାରଣତଃ କରାଯାଏ, ଯାହା ୬୦-୯୦ ମିନିଟ ସମୟ ନେଇଥାଏ ଏବଂ ରୋଗୀ ସାଧାରଣତଃ ଦିନେ ମଧ୍ୟରେ ଘରକୁ ଫେରିପାରନ୍ତି। ପିତ୍ତାଶୟ ଅପସାରଣ ପରେ ବିଲେ ସିଧାସଳଖ ଯକୃତରୁ କ୍ଷୁଦ୍ରାନ୍ତ୍ରକୁ ଯାଇଥାଏ, ଯାହା ସାଧାରଣତଃ ହଜମ ପ୍ରକ୍ରିୟାକୁ ପ୍ରଭାବିତ କରେ ନାହିଁ।

## ନିର୍ଣ୍ଣୟ:

ପିତ୍ତାଶୟ ପଥର ନିର୍ଣ୍ଣୟ ପାଇଁ ନିମ୍ନଲିଖିତ ପରୀକ୍ଷା କରାଯାଏ:

-ଆଲଟ୍ରାସାଉଣ୍ଡ: ଏହା ସବୁଠାରୁ ସାଧାରଣ ଓ ନିରାପଦ ପଦ୍ଧତି।

-ସିଟି ସ୍କାନ, ଏମ୍‌ଆର୍‌ଆଇ, ଏମ୍‌ଆର୍‌ସିପି ବା ଇୟୁଏସ୍: ଛୋଟ ପଥର ବା ନଳୀରେ ଅବରୋଧ ଚିହ୍ନଟ କରିବା ପାଇଁ।

-ରକ୍ତ ପରୀକ୍ଷା: ସଂକ୍ରମଣ, ଜଣ୍ଡିସ ବା ପାଙ୍କ୍ରିଆଟାଇଟିସ ଚିହ୍ନଟ କରିବା ପାଇଁ।

ପ୍ରତିରୋଧ:

ପିତ୍ତାଶୟ ପଥର ରୋକିବା ପାଇଁ ନିମ୍ନଲିଖିତ ପଦକ୍ଷେପ ନେଇପାରିବେ:

***ସ୍ୱାସ୍ଥ୍ୟକର ଖାଦ୍ୟ:*** ଫାଇବରଯୁକ୍ତ ଖାଦ୍ୟ ଖାଆନ୍ତୁ, ଚର୍ବିଯୁକ୍ତ ଓ ପ୍ରୋସେସ୍‌ଡ୍ ଫୁଡ୍‌କୁ ଏଡ଼ାନ୍ତୁ।

***ଓଜନ ନିୟନ୍ତ୍ରଣ:*** ଦ୍ରୁତ ଓଜନ ହ୍ରାସ ଏଡ଼ାନ୍ତୁ, ଧୀରେ ଧୀରେ ଓଜନ କମାନ୍ତୁ।

ନିୟମିତ ଶାରୀରିକ କାର୍ଯ୍ୟକଳାପ: ଏହା ପିତ୍ତାଶୟର ସଠିକ କାର୍ଯ୍ୟକୁ ସହାୟକ ହୁଏ।

ପର୍ଯ୍ୟାପ୍ତ ଜଳ ପାନ: ଦିନକୁ ୬-୮ ଗ୍ଲାସ ଜଳ ପିଅନ୍ତୁ।

## ଜଟିଳତା:

ଚିକିତ୍ସା ନକଲେ ପିତ୍ତାଶୟ ପଥର ନିମ୍ନଲିଖିତ ଜଟିଳତା ସୃଷ୍ଟି କରିପାରେ:

କୋଲେସିଷ୍ଟାଇଟିସ: ପିତ୍ତାଶୟରେ ପ୍ରଦାହ।

ପାଙ୍କ୍ରିଆଟାଇଟିସ: ପିତ୍ତ ନଳୀ ଅବରୋଧ ହେଲେ ଅଗ୍ନାଶୟରେ ପ୍ରଦାହ।

ଜଣ୍ଡିସ: ବିଲେ ପ୍ରବାହ ଅଟକିବା ଯୋଗୁଁ ଚର୍ମ ଓ ଆଖି ହଳଦିଆ ହେବା।

ପିତ୍ତାଶୟ କର୍କଟ: ବିରଳ ହେଲେ ମଧ୍ୟ ଏକ ଜଟିଳତା।

ଯଦି ଆପଣ ପେଟରେ ତୀବ୍ର ଯନ୍ତ୍ରଣା, ଜଣ୍ଡିସ ବା ଜ୍ୱର ଅନୁଭବ କରୁଛନ୍ତି, ତୁରନ୍ତ ଜଣେ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ବା ସର୍ଜନଙ୍କୁ ପରାମର୍ଶ କରନ୍ତୁ। ସଠିକ୍ ନିର୍ଣ୍ଣୟ ଓ ଚିକିତ୍ସା ଦ୍ୱାରା ପିତ୍ତାଶୟ ପଥରର ଜଟିଳତାକୁ ଏଡ଼ାଯାଇପାରିବ।



**ବାଘମାନଙ୍କୁ ସୁରକ୍ଷା ଯୋଗାଇ ଦେବାପାଇଁ ଉତ୍ତର ପ୍ରଦେଶର ପିଲିଭିତ୍ ଜିଲ୍ଲାରେ ରହିଛି ଏକ ଅଭୟାରଣ୍ୟ, ଯାହାର ନାଁ ହେଲା ପିଲିଭିତ୍ ବ୍ୟାଘ୍ର ଅଭୟାରଣ୍ୟ। କେବଳ ବାଘ ନୁହେଁ, ଏଠାରେ ଅନ୍ୟ କେତେକ ବନ୍ୟପ୍ରାଣୀଙ୍କୁ ବି ପର୍ଯ୍ୟଟକ ଦେଖପାରିବେ...**

# ପିଲିଭିତ୍ ବ୍ୟାଘ୍ର ଅଭୟାରଣ୍ୟ

ପିଲିଭିତ୍ ବ୍ୟାଘ୍ର ଅଭୟାରଣ୍ୟ ଭାରତର ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ; ଯାହା ଉତ୍ତର ପ୍ରଦେଶର ପିଲିଭିତ୍ ନାମକ ଜିଲ୍ଲାରେ ଅବସ୍ଥିତ। ସୂଚନାନୁଯାୟୀ, ଏହି ସ୍ଥାନରେ ମୁଖ୍ୟତଃ ଶାଳ ଜଙ୍ଗଲ ଥିବାରୁ ବିଭିନ୍ନ ଜଙ୍ଗଲୀ ପଶୁପକ୍ଷୀଙ୍କୁ ଏଠାରେ ଦେଖିବାକୁ ମିଳୁଥିଲା। ଯେଉଁଥିପାଇଁ ପୂର୍ବେ ଏଠାରେ ପଶୁପକ୍ଷୀଙ୍କୁ ଶିକାର କରିବା ସହ ଗଛକାଟି କାଠର ଚୋରା ଚାଲାଣ ବି କରାଯାଉଥିଲା। ଯାହାକୁ ଲକ୍ଷ୍ୟ କରି ସ୍ଥାନୀୟ ସରକାରଙ୍କ ତରଫରୁ କ୍ରମେ ପଶୁପକ୍ଷୀ ଶିକାର ଉପରେ ଏଠାରେ ରୋକ୍ ଲଗାଯିବା ସହ ଏହି ଅଞ୍ଚଳକୁ ଏକ ପ୍ରାଣୀ ସଂରକ୍ଷଣ କେନ୍ଦ୍ର ଭାବେ ଘୋଷଣା କରିବାକୁ ଯୋଜନା କରାଗଲା। ପ୍ରାୟ ୭୩୦.୨୪ ବର୍ଗ କି.ମି ପରିସୀମାବ୍ୟାପ୍ତ ଅଞ୍ଚଳ ଉପରେ ଗଢ଼ି ଉଠିଥିବା ଏହି ସଂରକ୍ଷଣ କେନ୍ଦ୍ରରେ ମୁଖ୍ୟତଃ ବାଘମାନଙ୍କୁ ସୁରକ୍ଷା ପ୍ରଦାନ କରାଯିବା ପାଇଁ ଯୋଜନା କରାଯାଇ ୨୦୧୪ ମସିହାରେ କିଛି ବାଘଙ୍କୁ ଆଣି ଏଠାରେ ରଖି ଏହାକୁ ଏକ ବ୍ୟାଘ୍ର ଅଭୟାରଣ୍ୟର ମାନ୍ୟତା ଦିଆଗଲା। ବର୍ତ୍ତମାନ ଏହି ଅଭୟାରଣ୍ୟରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବାଘ ଥିବାର ସୂଚନା ରହିଛି। କେବଳ ବାଘ କାହିଁକି ଅନ୍ୟାନ୍ୟ ପଶୁପକ୍ଷୀଙ୍କ ସହ ଏହି ଅଭୟାରଣ୍ୟ ମଧ୍ୟରେ ଥିବା ସରୀସୃପ ବିଭାଗରେ ଜାତିଜାତିକା କୁମ୍ଭୀର, ସାପ ତଥା ୫ଟି ପ୍ରଜାତିର ଝିଟିପିଟି ବି ଦେଖିବାକୁ ମିଳିଥାନ୍ତି। ତା'ଛଡ଼ା ଅଭୟାରଣ୍ୟ ମଧ୍ୟରେ ଏକ ସ୍ୱତନ୍ତ୍ର ଆକ୍ୱାରିୟମ୍ ବିଭାଗ ବି କରାଯାଇଛି; ଯେଉଁଥିରେ ପ୍ରାୟ ୮୦ ପ୍ରଜାତିର ବିରଳ ମାଛ ଥିବାର ପର୍ଯ୍ୟଟକ ଦେଖିପାରିବେ।

## କ'ଣ ଦେଖିବେ

ଯେହେତୁ ଏହାକୁ ଏକ ବ୍ୟାଘ୍ର ଅଭୟାରଣ୍ୟର ମାନ୍ୟତା ମିଳିଛି, ତେଣୁ ଏଠାରେ ଅନେକ ସଂଖ୍ୟାରେ ବାଘ ଥିବାର ପର୍ଯ୍ୟଟକ ଦେଖିବାକୁ ପାଇବେ। କେବଳ ବାଘ କାହିଁକି ଏଠାରେ ଚିତାବାଘ, ଜଙ୍ଗଲି ବିଲେଇ, ଚିତ୍ରା ବିଲେଇ, ହେଟାବାଘ, ବିଲୁଆ, ଚିତ୍ରା ହରିଣ, ସମ୍ବର, ନୀଳଗାଈ, ଜଙ୍ଗଲୀ ଘୁଷୁରୀ, ନେଉଳ, ଠେକୁଆ, ନାନା ଜାତିର ମାଙ୍କଡ଼ ଇତ୍ୟାଦି ପଶୁ ତଥା ପ୍ରାୟ ୪୫୦ରୁ ଉର୍ଦ୍ଧ ବିଭିନ୍ନ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଥାନ୍ତି। ଏହାଛଡ଼ା ଉକ୍ତ ଅଭୟାରଣ୍ୟ ଭିତରେ ବିଭିନ୍ନ କିସମର ବୃକ୍ଷଲତା ତଥା ଅନେକ ଔଷଧୀୟ ବୃକ୍ଷ ଥିବାର ମଧ୍ୟ ଆଗନ୍ତୁକ ଦେଖିବାକୁ ପାଇପାରିବେ।

## ନିକଟବର୍ତ୍ତୀ ପର୍ଯ୍ୟଟନସ୍ଥଳୀ

ପିଲିଭିତ୍ ବ୍ୟାଘ୍ର ଅଭୟାରଣ୍ୟର ନିକଟବର୍ତ୍ତୀ ଅଞ୍ଚଳରେ ମଧ୍ୟ ଏକାଧିକ ପର୍ଯ୍ୟଟନସ୍ଥଳୀ ରହିଛି। ସୂଚନାନୁଯାୟୀ, ପିଲିଭିତ୍ ଜିଲ୍ଲାରେ ଆଖୁ ଚାଷ କୁଆଡ଼େ ଖୁବ୍ ଭଲ ହୋଇଥାଏ। ତେଣୁ ଏଠାକାର ବିଭିନ୍ନ ସ୍ଥାନରେ ଆଖୁ ବଗିଚା ଥିବାର ପର୍ଯ୍ୟଟକ ଦେଖିପାରିବେ। ତା'ଛଡ଼ା ଏଠାରେ ଏକ ଚିନି ଫ୍ୟାକ୍ଟ୍ରି ବି ରହିଛି; ପର୍ଯ୍ୟଟକ ଚାହିଁଲେ ଏଠାକୁ ବି ବୁଲିଯାଇ କିଛିଟା ନିଆରା ଅନୁଭୂତି ସାଉଁଟିପାରିବେ। କେବଳ ଏତିକି ନୁହେଁ, ପିଲିଭିତ୍‌ରେ ଚୁକା ନାମକ ଏକ ବେଳାଭୂମି ବି ରହିଛି। ଏସବୁବ୍ୟତିତ ଭିରାମଚାରୀ ଘାଟ୍, ଗୌରୀ ଶଙ୍କର ମନ୍ଦିର, ଯଶଭନ୍ତୀ ମନ୍ଦିର ତଥା ଅନ୍ୟ କେତେକ ଆଧ୍ୟାତ୍ମିକ ପୀଠ ବି ପିଲିଭିତ୍‌ରେ ଦେଖିବାକୁ ମିଳିଥାଏ।

## କେବେ ଓ କେମିତି ଯିବେ

ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ବର୍ଷାଦିନକୁ ଛାଡ଼ି ବାକି ଅନ୍ୟ ଯେ କୌଣସି ସମୟରେ ଏହି ଅଭୟାରଣ୍ୟକୁ ବୁଲିଗଲେ ପର୍ଯ୍ୟଟକ ବୁଲିବାର ଭରପୂର ଆନନ୍ଦ ଉଠାଇପାରିବେ। କାରଣ ବର୍ଷା ଦିନେ ଅଭୟାରଣ୍ୟରେ ଥିବା ପଶୁପକ୍ଷୀଙ୍କୁ ନିକଟରୁ ଦେଖିବା ଏତେଟା ସମ୍ଭବ ହୋଇ ନଥାଏ। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ପିଲିଭିତ୍ ଜଙ୍କସନ୍ ରେଲୱେ ଷ୍ଟେଶନ ଏହାର ନିକଟତମ ରେଳଷ୍ଟେଶନ ହୋଇଥିବାବେଳେ ବରେଲି ଏୟାରପୋର୍ଟ ହେଉଛି ଏହାର ନିକଟବର୍ତ୍ତୀ ବିମାନବନ୍ଦର। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ୍ ବି ଯା'ଆସ କରିଥାଏ। ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଆରାମରେ ଯାଇ ଏହି ଅଭୟାରଣ୍ୟ ନିକଟରେ ପହଁଞ୍ଚିପାରିବେ।





# ଭଗବାନ ଶିବଙ୍କର ପ୍ରିୟ 'ଅପରାଜିତା ଫୁଲ'

ଏବେ ଚାଲିଛି ଶ୍ରାବଣ ମାସ। ଯାହାକି ଭଗବାନ ଶିବଙ୍କ ଅତି ପ୍ରିୟ ମାସ। ବିଶ୍ୱାସ ଅଛି, ଏହି ମାସରେ ଭଗବାନ ଶିବ କୈଳାସ ପର୍ବତ ଛାଡ଼ି ମର୍ତ୍ତ୍ୟପୁରକୁ ଆସିଥାନ୍ତି। ଆଉ ଭକ୍ତମାନେ ଯାହା ମାନସିକ କରିଥାନ୍ତି ତାହା ସଙ୍ଗେ ସଙ୍ଗେ ପୂରଣ କରିଥାନ୍ତି। ବିଶେଷକରି ଏହି ମାସରେ କାଉଡ଼ି ଯାତ୍ରା ଆରମ୍ଭ ହୋଇଥାଏ। ଶ୍ରଦ୍ଧାଳୁମାନେ ପାଣିଭାର ନେଇ ଶିବଙ୍କୁ ଜଳାଭିଷେକ କରନ୍ତି।

ବିଶ୍ୱାସ ରହିଛି ଶ୍ରାବଣ ମାସର ବୁଧବାର ଭଗବାନ ଶିବଙ୍କୁ ଅପରାଜିତା ଫୁଲ ଅର୍ପଣ କଲେ ଅନେକ ସମସ୍ୟା ଦୂର ହୋଇଥାଏ। କାରଣ ଏହି ଫୁଲ ଶିବଙ୍କର ପ୍ରିୟ ଫୁଲମାନଙ୍କ ମଧ୍ୟରୁ ଗୋଟିଏ। ଏହି ଫୁଲ ଗୋକର୍ଣ୍ଣ ଏବଂ ଶଙ୍ଖପୁଷ୍ପ ନାମରେ ମଧ୍ୟ ଜଣାଶୁଣା। ବୁଧବାର ଏହି ଫୁଲ ଶିବଙ୍କୁ ଅର୍ପଣ କଲେ ବୁଦ୍ଧି ଏବଂ ଏକାଗ୍ରତା ବଢ଼ିଥାଏ। ବେପାର ବଣିଜ ପାଇଁ ନୂଆ ମାର୍ଗ ଖୋଲିଯାଏ। ଭଗବାନ ଭୋଳାନାଥଙ୍କ କୃପା ପାଇବା ପାଇଁ ଅପରାଜିତା ଫୁଲ ଅର୍ପଣ କରିବାକୁ ଆଦୌ ଭୁଲନ୍ତୁ ନାହିଁ।



# ଫିଡେ ମହିଳା ବିଶ୍ୱକପ୍: ଫାଇନାଲ୍‌ରେ ହମ୍ପି ଓ ଦିବ୍ୟ




ନୂଆଦିଲ୍ଲୀ: ଭାରତକୁ ପ୍ରଥମ ଥର ପାଇଁ ଫିଡେ ମହିଳା ବିଶ୍ୱକପ୍ ଟାଇଟଲ୍ ମିଳିବାକୁ ଯାଉଛି। ଦେଶର ଷ୍ଟାର୍ ଖେଳାଳି କୋନେରୁ ହମ୍ପି ଓ ଦିବ୍ୟ ଦେଶମୁଖ ହେବାକୁ ଥିବା ଫାଇନାଲରେ ମୁହାଁମୁହିଁ ହେବେ। ଦୁଇଜଣ ଭାରତୀୟ ଫାଇନାଲରେ ପ୍ରବେଶ କରିବା ଏହି ଟୁର୍ଣ୍ଣାମେଣ୍ଟ ଇତିହାସରେ ପ୍ରଥମ ଘଟଣା। ଫାଇନାଲ୍‌ରେ ପ୍ରବେଶ କରିବା ସହିତ ହମ୍ପି ଓ ଦିବ୍ୟା ଆସନ୍ତାବର୍ଷ ହେବାକୁ ଥିବା ମହିଳା କ୍ୟାଣ୍ଡିଡେଟ୍ ଟୁର୍ଣ୍ଣାମେଣ୍ଟ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଆଠ ଖେଳାଳିଙ୍କୁ ନେଇ ଆୟୋଜିତ ହେବାକୁ ଥିବା ମହିଳା କ୍ୟାଣ୍ଡିଡେଟ୍ ଟୁର୍ଣ୍ଣାମେଣ୍ଟରୁ ଆଗାମୀ ମହିଳା ବିଶ୍ୱଚାମ୍ପିଅନ୍‌ସିପ୍ ପାଇଁ ବର୍ତ୍ତମାନର ବିଶ୍ୱ ଚାମ୍ପିଅନ୍ ଚୀନର ଜୁ ୱେନ୍‌ଜୁନ୍‌ଙ୍କ ପ୍ରତିଦ୍ୱନ୍ଦ୍ୱୀ ସ୍ଥିର ହେବେ।

ହମ୍ପି ସେମିଫାଇନାଲରେ ଚୀନର ଟେଙ୍ଗଜେଇ ଲି'ଙ୍କ ବିପକ୍ଷ ଟାଇବ୍ରେକର୍‌ରେ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରି ବିଜୟ ହାସଲ କରିଥିଲେ। ୩୮ ବର୍ଷୀୟା ହମ୍ପି ପୂର୍ବରୁ ବିଶ୍ୱ ର‌୍ୟାପିଡ୍ ଚାମ୍ପିଅନ୍ ହୋଇଥିବା ବେଳେ ନିକଟରେ ମହିଳା ଗ୍ରାଣ୍ଡ ପ୍ରିକ୍ସରେ ଯୁଗ୍ମ ଭାବେ ପ୍ରଥମ ସ୍ଥାନ ହାସଲ କରିଥିଲେ। ସେମିଫାଇନାଲ୍ ପୂର୍ବରୁ ସେ ସ୍ୱିଜରଲାଣ୍ଡର ପୂର୍ବତନ ବିଶ୍ୱ ଚାମ୍ପିଅନ୍ ଆଲେକ୍‌ଜାଣ୍ଡ୍ରା କୋଷ୍ଟେନିଉକ୍ ଓ ଚୀନର ୟୁକ୍ସିନ୍ ସୋଙ୍ଗଙ୍କୁ ହରାଇଥିଲେ। ଅନ୍ୟପକ୍ଷରେ ୧୯ ବର୍ଷୀୟା ଦିବ୍ୟା ଏହି ଟୁର୍ଣ୍ଣାମେଣ୍ଟରେ ଅନେକ ବିପର୍ଯ୍ୟୟ ଘଟାଇଛନ୍ତି। ସେ ଦ୍ୱିତୀୟ ସିଡ୍ ଚୀନର ଜିନେର୍ ଝୁ'ଙ୍କୁ ହରାଇଥିଲେ। ପରେ ଭାରତର ଡି. ହରିକାଙ୍କ ବିପକ୍ଷରେ ବିଜୟୀ ହେବାପରେ ସେମିଫାଇନାଲ୍‌ରେ ପୂର୍ବତନ ବିଶ୍ୱ ଚାମ୍ପିଅନ୍ ଚୀନର ଟାନ୍ ଝୋଙ୍ଗୟୀଙ୍କୁ ମାତ୍ ଦେଇଥିଲେ।

ହମ୍ପି ଓ ଦିବ୍ୟାଙ୍କ ମଧ୍ୟରେ ଶନିବାରର ଫାଇନାଲ୍‌ରେ କଡ଼ା ଟକ୍କର ଦେଖିବାକୁ ମିଳିବ। ହମ୍ପିଙ୍କ ପାଖରେ ଦୀର୍ଘ ଅନୁଭବ ଓ ସଠିକ୍ ରଣନୀତିର ଶକ୍ତି ରହିଛି। ଅନ୍ୟପକ୍ଷରେ ଦିବ୍ୟାଙ୍କ ଆକ୍ରମଣାତ୍ମକତା ଏବଂ ବିପଜ୍ଜନକ ଶୈଳୀ ତାଙ୍କୁ ଏହି ଟୁର୍ଣ୍ଣାମେଣ୍ଟରେ ଚମକ ଦେଖାଇବାର ସୁଯୋଗ ଦେଇଛି। ଫାଇନାଲରେ ଦୁଇଟି କ୍ଲାସିକାଲ୍ ମ୍ୟାଚ୍ ଖେଳାଯିବ। ଯଦି ଫଳାଫଳ ୧-୧ରେ ସମାନ ହୁଏ, ତେବେ ବିଜେତା ନିର୍ଦ୍ଧାରଣ ପାଇଁ କମ୍ ଅବଧିର ମ୍ୟାଚ୍ ଖେଳାଯିବ। ଟୁର୍ଣ୍ଣାମେଣ୍ଟ ବିଜେତାଙ୍କୁ ୫୦ ହଜାର ଡଲାର ଅର୍ଥାତ୍ ପ୍ରାୟ ୪୩ ଲକ୍ଷ ଟଙ୍କା ଏବଂ ଉପବିଜେତାଙ୍କୁ ୩୫ ହଜାର ଡଲାର (ପ୍ରାୟ ୩୦ ଲକ୍ଷ ଟଙ୍କା) ପୁରସ୍କାର ରାଶି ମିଳିବ।

## ଆସନ୍ତାବର୍ଷ ପୁଣି ଇଂଲଣ୍ଡ ଗସ୍ତ କରିବ ଭାରତ

ନୂଆଦିଲ୍ଲୀ: ଟିମ୍ ଇଣ୍ଡିଆ ଆସନ୍ତାବର୍ଷ ଜୁଲାଇରେ ପୁଣିଥରେ ଇଂଲଣ୍ଡ ଗସ୍ତ କରିବ। ଏହି ଅବସରରେ ଦୁଇ ଟିମ୍ ମଧ୍ୟରେ ଆଠ ସୀମିତ ଓଭର୍ ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରେ ପାଞ୍ଚ ଟି-୨୦ ଏବଂ ତିନି ଦିନିକିଆ ମ୍ୟାଚ୍ ଅନ୍ତର୍ଭୁକ୍ତ। ଇଂଲଣ୍ଡ କ୍ରିକେଟ୍ ବୋର୍ଡ (ଇସିବି)ର ଗୁରୁବାର ୨୦୨୬ ସମର୍ ହୋମ୍ ସିରିଜ୍‌ର ଘୋଷଣା ପରେ ଏହା ଜଣାପଡ଼ିଛି। ବିସିସିଆଇ ମଧ୍ୟ ଏହି ଗସ୍ତ ସମ୍ପର୍କରେ ସ୍ପଷ୍ଟ କରିଛି। ଏହା ଅନୁସାରେ ପ୍ରଥମ ଟି-୨୦ ଜୁଲାଇ ୧ ତାରିଖରେ ଡରହାମ୍‌ରେ ଖେଳାଯିବ। ଏହାପରେ ଜୁଲାଇ ୪ (ମାଞ୍ଚେଷ୍ଟର), ଜୁଲାଇ ୭ (ନଟିଂହାମ୍), ଜୁଲାଇ ୯ (ବ୍ରିଷ୍ଟଲ), ଜୁଲାଇ ୧୧ (ସାଉଥମ୍ପଟନ୍) ଏବଂ ଜୁଲାଇ ୧୪ ତାରିଖରେ (ବର୍ମିଂହାମ୍)ରେ ପରବର୍ତ୍ତୀ ମ୍ୟାଚ୍ ଆୟୋଜିତ ହେବ। ସେହିପରି ଦିନିକିଆ ସିରିଜ୍ ଜୁଲାଇ ୧୪ (ବର୍ମିଂହାମ୍), ଜୁଲାଇ ୧୬ (କାର୍ଡିଫ୍) ଏବଂ ଜୁଲାଇ ୧୯ରେ ଲଣ୍ଡନର ଲର୍ଡ୍ସ ଷ୍ଟାଡିୟମ୍‌ରେ ଖେଳାଯିବ। ପୂର୍ବରୁ ଟେଷ୍ଟ ଏବଂ ଟି-୨୦ରୁ ଅବସର ଘୋଷଣା କରିସାରିଥିବା ରୋହିତ ଶର୍ମା ଓ ବିରାଟ କୋହଲି ଏହି ଟୁର୍‌ରେ ଭାରତୀୟ ଟିମ୍‌ର ସଦସ୍ୟ ହୋଇପାରନ୍ତି।

ଭାରତୀୟ ମହିଳା କ୍ରିକେଟ୍ ଟିମ୍ ମଧ୍ୟ ଆସନ୍ତାବର୍ଷ ଇଂଲଣ୍ଡ ଗସ୍ତ କରିବ। ଟିମ୍ ଏହି ଗସ୍ତ ଅବସରରେ ତିନି ଟି-୨୦ ଏବଂ ଗୋଟିଏ ଟେଷ୍ଟ ମ୍ୟାଚ୍ ଖେଳିବ। ଟି-୨୦ ମ୍ୟାଚ୍ ଯଥାକ୍ରମେ ମେ' ୨୮ (ଚେମ୍ସଫୋର୍ଡ), ମେ' ୩୦ (ବ୍ରିଷ୍ଟଲ) ଓ ଟେଷ୍ଟ ମ୍ୟାଚ୍ ଜୁଲାଇ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଲର୍ଡ୍ସରେ ଆୟୋଜିତ ହେବ। ନିକଟରେ ସମ୍ପନ୍ନ ହୋଇଥିବା ଭାରତୀୟ ମହିଳା ଟିମ୍‌ର ଇଂଲଣ୍ଡ ଗସ୍ତରେ ଖେଳାଯାଇଥିବା ପାଞ୍ଚ ଟି-୨୦ ଏବଂ ତିନି ଦିନିକିଆ ମ୍ୟାଚ୍ ବିଶିଷ୍ଟ ସିରିଜରେ ଭାରତର ଦବ୍‌ଦବା ଦେଖିବାକୁ ମିଳିଥିଲା। ଟି-୨୦ ସିରିଜ୍ ୩-୨ ଏବଂ ଦିନିକିଆ ସିରିଜ୍ ୩-୧ରେ ନିଜ ନାମରେ କରିଥିଲା।

## ଟି-୨୦ କ୍ରିକେଟ୍‌ରେ ପାକିସ୍ତାନର ଇତିହାସ

ଢାକା: ଲଗାତାର ଦୁଇଟି ମ୍ୟାଚ୍ ହାରି ସିରିଜ୍ ହରାଇଥିବା ପାକିସ୍ତାନ ତୃତୀୟ ଟି-୨୦ ମ୍ୟାଚ୍‌ରେ ବାଂଲାଦେଶକୁ ୭୪ ରନ୍‌ରେ ହରାଇ କ୍ଲିନ୍ ସ୍ୱିପ୍‌ରୁ ବର୍ତ୍ତିଯାଇଛି। ସିରିଜ୍ ହାରବା ସତ୍ତ୍ୱେ ପାକିସ୍ତାନ ଟି-୨୦ ଫର୍ମାଟ୍‌ରେ ଇତିହାସ ରଚିଛି। ତୃତୀୟ ଟି-୨୦ ମ୍ୟାଚ୍‌ରେ ବାଂଲାଦେଶକୁ ହରାଇବା ପରେ ପାକିସ୍ତାନ ଏହି ଛୋଟ ଫର୍ମାଟ୍‌ରେ ୧୫୦ତମ ବିଜୟ ହାସଲ କରିଛି। ଏହା ସହିତ ଟି-୨୦ କ୍ରିକେଟ୍‌ରେ ୧୫୦ ମ୍ୟାଚ୍ ଜିତିବାରେ ବିଶ୍ୱର ପ୍ରଥମ ଟିମ୍ ହୋଇଛି। ଭାରତ ବର୍ତ୍ତମାନ ସୁଦ୍ଧା ୧୬୪ ମ୍ୟାଚ୍ ଜିତି ପ୍ରଥମ ସ୍ଥାନରେ ରହିଛି। ବର୍ତ୍ତମାନ ସୁଦ୍ଧା ୬ଟି ଟିମ୍ ୧୦୦ରୁ ଉର୍ଦ୍ଧ୍ୱ ଟି-୨୦ ମ୍ୟାଚ୍ ଜିତିବାର କାରନାମା କରିଛନ୍ତି। କିନ୍ତୁ ୧୫୦ରୁ ଉର୍ଦ୍ଧ୍ୱ ମ୍ୟାଚ୍ ବିଜୟ କେବଳ ଦୁଇଟି ଟିମ୍ ନାମରେ ରହିଛି। ୧୨୨ ମ୍ୟାଚ୍ ଜିତି ନ୍ୟୁଜିଲାଣ୍ଡ ପାକିସ୍ତାନ ପଛରେ ତୃତୀୟ ସ୍ଥାନରେ ରହିଥିବା ବେଳେ ଅଷ୍ଟ୍ରେଲିଆ (୧୪୪), ସାଉଥ୍ ଆଫ୍ରିକା (୧୧୪) ଏବଂ ଇଂଲଣ୍ଡ (୧୦୮) ଚତୁର୍ଥରୁ ଷଷ୍ଠ ସ୍ଥାନରେ ରହିଛନ୍ତି।

## ଏସିଆ କପ୍ ଆୟୋଜନକୁ ନେଇ ଅନିଶ୍ଚିତତା ଦୂର

ମୁମ୍ବାଇ: ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟକୁ ନେଇ ଅନିଶ୍ଚିତତା ଦୂର ହୋଇଛି। ଚଳିତ ବର୍ଷ ସେପ୍ଟେମ୍ବର ମାସରେ ଏହା ଆୟୋଜିତ ହୋଇପାରେ। ସୂତ୍ର ଅନୁସାରେ ଆୟୋଜକ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ଏହି ଟୁର୍ଣ୍ଣାମେଣ୍ଟ ଦୁବାଇ ଏବଂ ଆବୁଧାବିରେ କରାଇବାକୁ ସହମତ ହୋଇଛି। ବିସିସିଆଇ ଉପସଭାପତି ରାଜୀବ ଶୁକ୍ଳା ଓ ଏସୀୟ କ୍ରିକେଟ୍ ପରିଷଦ (ଏସିସି) ଅଧ୍ୟକ୍ଷ ମୋହସିନ୍ ନକ୍ଭି ଆଗାମୀ କିଛିଦିନ ମଧ୍ୟରେ ଟୁର୍ଣ୍ଣାମେଣ୍ଟର ଚୂଡ଼ାନ୍ତ ତାରିଖ ସ୍ଥିର କରିବେ।

ମାର୍କେଟିଂ ଯୋଜନା କରିବାକୁ ଅଧିକ ସମୟ ଲାଗିବାକୁ ଥିବାରୁ ସ୍ପନ୍‌ସରଙ୍କ ସହିତ ମଧ୍ୟ ଆଲୋଚନା କରାଯିବ। ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୭ରୁ ଆରମ୍ଭ ହୋଇ ତୃତୀୟ କିମ୍ବା ଚତୁର୍ଥ ସପ୍ତାହରେ ଶେଷ ହେବାର ସମ୍ଭାବନା ରହିଛି। ବିସିସିଆଇ ଏମିରେଟସ୍ କ୍ରିକେଟ୍ ବୋର୍ଡ (ଇସିବି) ସହିତ ତିନିଟି ଭେନ୍ୟୁ ପାଇଁ ଚୁକ୍ତି କରିଥିବା ବେଳେ ଏସିଆ କପ୍ ପାଇଁ କେବଳ ଦୁଇଟି ଭେନ୍ୟୁର ଉପଯୋଗ ହେବ। ବିସିସିଆଇ ଟୁର୍ଣ୍ଣାମେଣ୍ଟ ପାଇଁ ସରକାରଙ୍କ ମଞ୍ଜୁରୀକୁ ମଧ୍ୟ ଅପେକ୍ଷା କରିଛି।

ଟୁର୍ଣ୍ଣାମେଣ୍ଟ ପାଇଁ ଦୁବାଇର ଇଣ୍ଟରନ୍ୟାସନାଲ୍ କ୍ରିକେଟ୍ ଷ୍ଟାଡିୟମ୍ ଏବଂ ଆବୁଧାବିର ଜାୟଦ୍ କ୍ରିକେଟ୍ ଷ୍ଟାଡିୟମ୍ ସମ୍ଭାବ୍ୟ ଭେନ୍ୟୁ ହେବ। ସୂତ୍ର ଅନୁସାରେ ଭାରତ ଓ ପାକିସ୍ତାନ ଟିମ୍‌କୁ ଗୋଟିଏ ଗ୍ରୁପ୍‌ରେ ରଖାଯାଇପାରେ। ଅର୍ଥାତ୍ ଗ୍ରୁପ୍ ପର୍ଯ୍ୟାୟରେ ଦୁଇ ଟିମ୍ ମୁହାଁମୁହିଁ ହେବା ପ୍ରାୟତଃ ନିଶ୍ଚିତ। ବାଂଲାଦେଶ ରାଜଧାନୀ ଢାକାରେ ଗୁରୁବାର ଅନୁଷ୍ଠିତ ଏସିସି ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)ରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିରେ ସମସ୍ତ ୨୫ ସଦସ୍ୟ ଦେଶ ଭାଗ ନେଇଥିଲେ। ବିସିସିଆଇ ପକ୍ଷରୁ ଉପସଭାପତି ରାଜୀବ ଶୁକ୍ଳା ଭର୍ଚୁଆଲୀ ଏଥିରେ ସାମିଲ ହୋଇଥିଲେ।

ଏସିଆ କପ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ ଅଧିକାର ଭାରତ ନିକଟରେ ରହିଛି। ତେବେ ପହଲଗାମ ଆତଙ୍କୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଦେଖାଦେଇଥିବା ଉତ୍ତେଜନା କାରଣରୁ ଏହାକୁ ନିରପେକ୍ଷ ଭେନ୍ୟୁରେ କରାଯିବ। ଟୁର୍ଣ୍ଣାମେଣ୍ଟରେ ଆୟୋଜକ ଭାରତ ବ୍ୟତୀତ ପାକିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା, ଆଫଗାନିସ୍ତାନ, ହଂକଂ, ଓମାନ୍ ଏବଂ ୟୁଏଇ ଭାଗନେବ। ଆଠ ଟିମ୍‌କୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯିବ। ପ୍ରତ୍ୟେକ ଗ୍ରୁପର ଶୀର୍ଷ ଦୁଇ ଟିମ୍ ସୁପର୍-୪ ପର୍ଯ୍ୟାୟକୁ କ୍ୱାଲିଫାଏ କରିବେ। ଗ୍ରୁପ୍-ଏ'ରେ ଭାରତ, ପାକିସ୍ତାନ, ହଂକଂ ଓ ୟୁଏଇ ସାମିଲ କରାଯାଇପାରେ। ସେହିପରି ଗ୍ରୁପ୍-ବି'ରେ ଆଫଗାନିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ ଏବଂ ଓମାନ୍‌ଙ୍କୁ ସ୍ଥାନ ମିଳିବା ସମ୍ଭାବନା ରହିଛି।

# ଶତକ ସହ ରୁଟ୍‌ଙ୍କ ରେକର୍ଡ ବର୍ଷା

ମାଞ୍ଚେଷ୍ଟର: ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଖେଳାଯାଉଥିବା ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟ ମ୍ୟାଚ୍‌ର ତୃତୀୟ ଦିନ ପ୍ରଥମ ଇନିଂସରେ ଇଂଲଣ୍ଡ ବ୍ୟାଟ୍ସମ୍ୟାନ୍ ଜୋ ରୁଟ୍ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି। ୧୭୮ ବଲ୍‌ରେ ଟେଷ୍ଟ କ୍ୟାରିୟରର ୩୮ତମ ଶତକ ପୂରଣ କରିଥିବା ରୁଟ୍ ୨୪୮ ବଲ୍‌ରେ ୧୪ ଚୌକା ସହାୟତାରେ ୧୫୦ ରନ୍ କରି ଆଉଟ୍ ହୋଇଛନ୍ତି। ଏହା ଭାରତ ବିପକ୍ଷରେ ତାଙ୍କର ୧୨ଶ ଶତକ ହୋଇଥିବା ବେଳେ ଚଳିତ ସିରିଜ୍‌ରେ ଲଗାତାର ଦ୍ୱିତୀୟ ଶତକ। ଏହା ପୂର୍ବରୁ ସେ ଲର୍ଡ୍ସ ଟେଷ୍ଟର ପ୍ରଥମ ଇନିଂସ୍‌ରେ ୧୦୪ ରନର ଇନିଂସ୍ ଖେଳିଥିଲେ। ଆଜିର ଶତକ ସହ ରୁଟ୍ ଅନେକ ରେକର୍ଡର ଅଧିକାରୀ ହୋଇଛନ୍ତି।

ଭାରତ ବିପକ୍ଷରେ ଘରୋଇ ମାଟିରେ ଏହା ରୁଟ୍‌ଙ୍କ ନବମ ଟେଷ୍ଟ ଶତକ। ସେହିପରି ଘରୋଇ ମାଟିରେ କୌଣସି ଗୋଟିଏ ଟିମ୍ ବିପକ୍ଷରେ ଏହା କୌଣସି ବ୍ୟାଟ୍ସମ୍ୟାନଙ୍କ ସର୍ବାଧିକ ଟେଷ୍ଟ ଶତକ। ଏହି ମାମଲାରେ ସେ ଅଷ୍ଟ୍ରେଲୀୟ ଲିଜେଣ୍ଡ ଡନ୍ ବ୍ରାଡ୍‌ମ୍ୟାନ୍‌ଙ୍କୁ ପଛରେ ପକାଇଛନ୍ତି। ବ୍ରାଡ୍‌ମ୍ୟାନ୍ ଇଂଲଣ୍ଡ ବିପକ୍ଷରେ ନିଜ ଘରୋଇ ମାଟିରେ ୮ ଟେଷ୍ଟ ଶତକ ହାସଲ କରିଥିଲେ। ସେହିପରି ରୁଟ୍ ଭାରତ ବିପକ୍ଷରେ ଟେଷ୍ଟ କ୍ରିକେଟ୍‌ରେ ସର୍ବାଧିକ ଶତକ ହାସଲକାରୀ ବ୍ୟାଟ୍ସମ୍ୟାନ୍ ହୋଇଛନ୍ତି। ଏହା ସହିତ ସେ ଅଷ୍ଟ୍ରେଲିଆର ପୂର୍ବତନ କ୍ୟାପଟେନ୍ ଷ୍ଟିଭ୍ ସ୍ମିଥ୍‌ଙ୍କୁ ପଛରେ ପକାଇ ଦେଇଛନ୍ତି। ସ୍ମିଥ୍ ଭାରତୀୟ ଟିମ୍ ବିରୋଧରେ ୧୧ ଶତ ହାସଲ କରିଛନ୍ତି।

ଏହା ବ୍ୟତୀତ ରୁଟ୍ ଟେଷ୍ଟ କ୍ରିକେଟ୍‌ରେ ସର୍ବାଧିକ ରନ୍ ମାମଲାରେ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି। ଏହି ମ୍ୟାଚ୍‌ରେ ୧୨୦ ରନ୍ କରିବା ମାତ୍ରେ ହିଁ ସେ ରିକି ପଣ୍ଟିଂଙ୍କୁ ପଛରେ ପକାଇଥିଲେ। ପଣ୍ଟିଂ ଅଷ୍ଟ୍ରେଲିଆ ପକ୍ଷରୁ ୧୬୮ ଟେଷ୍ଟ ମ୍ୟାଚ୍‌ରେ ୧୩୩୭୮ ରନ୍ କରିଥିଲେ। ଏବେ ରୁଟ୍ (୧୩୪୨୯ ରନ୍)ଙ୍କ ଆଗରେ କେବଳ ସଚିନ୍ ତେନ୍ଦୁଲକର ରହିଛନ୍ତି। ତେନ୍ଦୁଲକର ୨୦୦ ଟେଷ୍ଟ ମ୍ୟାଚ୍‌ରେ ମୋଟ ୧୫୯୨୧ ରନ୍ କରିଛନ୍ତି। ଏବେ ରୁଟ୍ ଟେଷ୍ଟ କ୍ରିକେଟ୍‌ରେ ସର୍ବାଧିକ ଶତକ ହାସଲକାରୀ ବ୍ୟାଟ୍ସମ୍ୟାନ୍ ସୂଚୀରେ ଯୁଗ୍ମ ଚତୁର୍ଥରେ ପହଞ୍ଚିଛନ୍ତି। ସେ କୁମାର ସାଙ୍ଗକାରାଙ୍କ ୩୮ ଶତକ ସମକକ୍ଷ ହୋଇଛନ୍ତି।

ଏହା ଜୋ ରୁଟ୍‌ଙ୍କର ଇଂଲଣ୍ଡରେ ୨୩ତମ ଟେଷ୍ଟ ଶତକ। ଘରୋଇ ମାଟିରେ ସର୍ବାଧିକ ଟେଷ୍ଟ ଶତକ ହାସଲ କରିବାରେ ସେ ଯୁଗ୍ମ ଭାବେ ପ୍ରଥମ ସ୍ଥାନରେ ପହଞ୍ଚିଛନ୍ତି। ରିକି ପଣ୍ଟିଂ, ଜ୍ୟାକ୍ କାଲିସ୍ ଓ ମାହେଲା ଜୟବର୍ଦ୍ଧନେ ମଧ୍ୟ ନିଜ ଘରୋଇ ମାଟିରେ ୨୩-୨୩ ଟେଷ୍ଟ ଶତକ ହାସଲ କରିଥିଲେ। ଏହା ବ୍ୟତୀତ ରୁଟ୍ ଓଲ୍ଡ ଟ୍ରଫୋର୍ଡରେ ୧୦୦୦ ରନ୍ ପୂରଣ କରିବାରେ ଇଂଲଣ୍ଡର ପ୍ରଥମ ବ୍ୟାଟ୍ସମ୍ୟାନ୍ ହୋଇଛନ୍ତି।

ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍‌ରେ ପଠାଇପାରିବେ।
ଯୋଗାଯୋଗ -
ରଣଜିତ୍ ପଟ୍ଟନାୟକ
ମୁଖ୍ୟ ପ୍ରତିନିଧି
Email:
mediatejaswini@gmail.com

TARIFF
Full Page B/W-10000
Half Page B/W-5000
Quarter Page B/W- 2500

Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra, ସମ୍ପାଦକ : ସଞ୍ଜ ସମୀର ମହାପାତ୍ର**